

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୭ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 APRIL 2023
Vol.No. 34 ■ No. 100 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ କେଜରିୱାଲଙ୍କୁ ସିବିଆଇ ଜେରା

ନୂଆଦିଲ୍ଲୀ, ୧୬/୦୪ : ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ନେଇ ସରଗରମ ହୋଇଛି ଜାତୀୟ ରାଜନୀତି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କେଜରିୱାଲଙ୍କୁ ପଚରାଉଚରା କରିଛି ସିବିଆଇ । ତୁହାକୁ ତୁହା ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ରବିବାର ୧୧ଟାରେ କେଜରିୱାଲ ସିବିଆଇରେ ହାଜର ହେବାର ଥିଲା । ଏହା ପୂର୍ବରୁ ସେ ସମର୍ଥକଙ୍କ ଗହଣରେ ରାଜଘାଟ ଯାଇଥିଲେ । ପରେ ଟ୍ୱିଟ କରିଥିଲେ, ଶେଷରେ ସତ୍ୟର ବିଜୟ ହେବ । କେଜରିୱାଲଙ୍କ ହାଜରକୁ ଦୃଷ୍ଟିରେ ରଖି ସିବିଆଇ ହେଡକ୍ୱାର୍ଟର ଓ ଅରବିନ୍ଦ କେଜରିୱାଲଙ୍କ ଘର ଆଗରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଆମ ଆଦମୀ ପାର୍ଟି ଆଶଙ୍କା ପ୍ରକାଶ କରିଛି, କେଜରିୱାଲଙ୍କୁ ଯେକୌଣସି ସମୟରେ ଗିରଫ କରାଯାଇପାରେ । ଅରବିନ୍ଦ କେଜରିୱାଲଙ୍କ ସିବିଆଇର ସମନ



ନେଇ ତାତିଛନ୍ତି ଆମ ଆଦମୀ ପାର୍ଟି କର୍ମୀ । ସାରା ଦିଲ୍ଲୀ ସମତେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଦଳର କର୍ମୀ । ସିବିଆଇ ମୁଖ୍ୟ ଅଫିସ ଆଗରେ ଆପର ବଡ ନେତା ଧାରଣାରେ ବସିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ ଆପର ବଡ ବଡ ନେତା । ଦିଲ୍ଲୀ ପୁଲିସ ଭଗୱନ୍ତ ମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ ବି ସେ ଶୁଣିନଥିଲେ । ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆମ ଆଦମୀ ପାର୍ଟିର ନେତା ଓ କର୍ମୀଙ୍କ ଆନ୍ଦୋଳନ ଯୋଗୁଁ ରାସ୍ତା ଏକପ୍ରକାର ଜାମ ହୋଇଯାଇଥିଲା । ଆନ୍ଦୋଳନରତ କର୍ମୀଙ୍କୁ ପୁଲିସ ହେପାଜତକୁ ନେଇଥିଲା । ଏମାନଙ୍କ ମଧ୍ୟରେ ଦିଲ୍ଲୀ ଓ ପଞ୍ଜାବ ସରକାରର କିଛି ମନ୍ତ୍ରୀ ବି ଥିଲେ । ଘଟଣାକୁ ନେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି ଆପ ଓ କଂଗ୍ରେସ । ସେପଟେ ଆପକୁ ଜବାବ ଦେବା ଲାଗି ଦିଲ୍ଲୀର ରାଜଘାଟରେ ବି ବିଜେପି କର୍ମୀ ଧାରଣା ଦେଇଥିଲେ । ଦଳ ଅରବିନ୍ଦ କେଜରିୱାଲଙ୍କ ଇସ୍ତଫା ଦାବି କରିଥିଲା । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମନୀଷ ଶିଶୋଦିଆଙ୍କୁ ସିବିଆଇ ପୂର୍ବରୁ ଗିରଫ କରିସାରିଛି । ଆଉ ଏବେ କେଜରିୱାଲଙ୍କୁ ସମନ ନେଇ ରାଜନୀତି ସରଗରମ ହୋଇଛି ।

## ଆବାସକୁ ନେଇ ପୁଣି ରାଜନୀତି : ବଜେପିର ଚେତାବନୀ, ବିଜେଡିର କଟାକ୍ଷ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନକୁ ନେଇ ପୁଣି ତେଜିଛି ରାଜନୀତି । ଓଡିଶା ଗସ୍ତରେ ଥିବା କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଗିରିରାଜ ସିଂ, ଗରିବଙ୍କୁ ଘର କାହିଁକି ଦିଆଯାଉନାହିଁ ବୋଲି ପ୍ରଶ୍ନ ଉଠାଇବା ପରେ ତେଜିଛି ଏହି ରାଜନୀତି । ଗିରିରାଜ ସିଂ ଅଭିଯୋଗ କରି କହିଛନ୍ତି, ପୂର୍ବରୁ ଓଡ଼ିଶାକୁ ୧୦ ଲକ୍ଷ ଇନ୍ଦିରା ଆବାସ ମିଳିଥିଲା, ପ୍ରଧାନମନ୍ତ୍ରୀ ୨୮ଲକ୍ଷ ଦେଲେ । ଗରିବଙ୍କୁ ହକ୍ ମିଳୁ, କିନ୍ତୁ ଏବେବି ୯ଲକ୍ଷ ଘର ଅଧୁରା ପଡିଛି । ନୂଆ ଘର ଦିଆଯାଉ ନାହିଁ । ମୋଦି ଘର ଦେଲେ କିନ୍ତୁ ରାଜ୍ୟ ସରକାର କାହିଁକି ଦେଉନି । ଓଡିଶାରେ ପ୍ରଧାନମନ୍ତ୍ରୀ ଆବାସ ବଂଟନକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ ଉଠାଇବା



ପରେ, ଚେତାବନୀ ଦେଇଛି ବିଜେପି । ଦଳୀୟ ନେତା କହିଛନ୍ତ, ବର୍ଷା ଦିନ ପୂର୍ବରୁ ଯଦି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଘର ନପହଞ୍ଚେ, ତେବେ ଓଡ଼ିଶାର ରାଜରାସ୍ତାରେ ନିଆଁ ଜଳିବ । କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ଉପଯୁକ୍ତ ହିତାଧିକାରୀଙ୍କୁ ତୁରନ୍ତ ଘର ଦିଆଯାଉ । ବର୍ଷା ଦିନ ପୂର୍ବରୁ ଗରିବଙ୍କୁ ଆବାସ ଯୋଜନାରେ ଘର ଦିଆଯାଉ । ଆବାସକୁ ନେଇ ରାଜନୀତି ଆରମ୍ଭ ହୋଇଥିବାବେଳେ, ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ଡାହାଣୀ ହୋଇ ଲାଗିବା, ଗୁଣିଆ ହୋଇ ଝାଡିବା ଭଳି କାମ କେନ୍ଦ୍ର ସରକାର କରୁଛନ୍ତି । ଗାଇଡଲାଇନ ପରବର୍ତ୍ତନ କରିବା କରିବା ଯୋଗୁଁ ଯୋଗ୍ୟ ହିତାଧିକାରୀ ଘର ପାଇବା ସମ୍ଭବ ହେଉ ନାହିଁ । ଗରିବ ଲୋକ କେମିତି ଘର ନପାଆନ୍ତୁ ସେଥିପାଇଁ କେନ୍ଦ୍ର ସୁଚିନ୍ତିତ ଷଡଯନ୍ତ୍ର କରିଛି । ପ୍ରଧାନମନ୍ତ୍ରୀ ଆବାସ ପାଇଁ କିଛି ମାସ ତଳେ ସବୁ ପଞ୍ଚାୟତାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିଲା । କିନ୍ତୁ ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ଥିବାବେଳେ ଯୋଗ୍ୟ ହିତାଧିକାରୀ ବାଦ ପଡିଥିବା ଅଭିଯୋଗ ହୋଇଥିଲା । ତାପରେ ସାରା ରାଜ୍ୟରେ ଆବାସକୁ ନେଇ କଳି ସାମନାକୁ ଆସିଥିଲା । ଅଭିଯୋଗ ପରେ ବହୁ ନାଁ ତାଲିକାରୁ ବାଦ ପଡିଥିଲା । କିନ୍ତୁ ରହି ଯାଇଥିଲେ ଘର ପାଇବାକୁ ଯୋଗ୍ୟ ଥିବା ବହୁ ହିତାଧିକାରୀ ।

## ଆଜି ନାମାଙ୍କନ ପତ୍ର ଦାଖଲ କରିବେ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ସୋମବାର ଦିନ ଝାରସୁଗୁଡା ଉପ ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରାର୍ଥୀପତ୍ର ଦାଖଲ କରିବେ । ଏହି ଅବସରରେ ତାଙ୍କ ସହ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ସ୍ଥାନୀୟ ସାଂସଦ ସୁରେଶ ପୂଜାରୀ, ଜୁଏଲ ଓରାମ, ବସନ୍ତ ପଣ୍ଡା, ସଙ୍ଗୀତା ସିଂହଦେଓ, ନିତେଶ ଗଙ୍ଗଦେବ, ବିଧାୟକ ଶଂକର ଓରାମ, ଭବାନୀ ଭୋଇ, କୁସୁମ ଟେଟେ, ସୁବାଷ ପାଣିଗ୍ରାହୀ, ନାଉରୀ ନାୟକ, ଡ.ମୁକେଶ ମହାଲିଙ୍ଗ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେ.ଭି.ସିଂହଦେଓ ପ୍ରମୁଖଙ୍କ ସମେତ ବହୁ ପଦାଧିକାରୀ ସାମିଲ ହେବେ ।

## ସମ୍ବଲପୁରରେ ସ୍ଥିତିର ସମୀକ୍ଷା କଲେ ପୋଲିସ ଡିଜି

ସମ୍ବଲପୁର, ୧୬/୦୪ (ନି.ପ୍ର): ସମ୍ବଲପୁରରେ ହିଂସା ଓ ପରବର୍ତୀ ସମୟରେ କର୍ଫ୍ୟୁ ଘଟଣାରେ ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ। ଦୁଇଜଣ ଏଡିଜି, ଉତରାଂଚଳ ଆଇଜି ଏବଂ ସମ୍ବଲପୁର ଏସ ପିଙ୍କ ଉପସ୍ଥିତିରେ ଏହି ସମୀକ୍ଷା ହୋଇଛି। ସମୀକ୍ଷା ପରେ ଡିଜି ଶ୍ରୀ ବଂଶଲ କହିଛନ୍ତି, ହିଂସାକାଣ୍ଡରେ ଯେଉଁମାନଙ୍କର ସମ୍ପୃକ୍ତି ରହିଛି ସେମାନଙ୍କୁ ଖୋଜି ଗିରଫ କରିବା ଏବଂ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଣୁ ସମ୍ବଲପୁରର ଲୋକେ ପୁଲିସ ଓ ପ୍ରଶାସନକୁ ଏ ଦିଗରେ ସହାୟତା କରନ୍ତୁ। ସେ କହିଛନ୍ତି ଯେ ସ୍ଥିତି ସୁଧୁରିଲେ କର୍ଫ୍ୟୁ ହଟିବ। ଏବେ ତ କର୍ଫ୍ୟୁ ବଳବତର ରହିଛି। ହେଲେ ଏନେଇ ଦିନେ ଦୁଇ ଦିନ ଭିତରେ ନିଷ୍ପତି ନିଆଯିବ। ସେ ଆହୁରି କହିଥିଲେ ଯେ ଏବେ ସମ୍ବଲପୁରରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏସ ପି ବି.ଗଙ୍ଗାଧର କହିଛନ୍ତି, ୧୨ ତାରିଖ ଦିନ ଘଟିଥିବା ଟେକାମାଡ ଓ ହିଂସା ପୂର୍ବ ଯୋଜନା ଭଳି ଜଣାପଡୁଛି। ଏକ



ନିର୍ଦ୍ଦିଷ୍ଟ କୋଠାରୁ ଦଙ୍ଗାକାରୀମାନେ ଟେକାମାଡ କରିଥିଲେ। ଯାହାକୁ କେନ୍ଦ୍ରକରି ହିଂସା ଓ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାରେ ପୁଲିସ ୫୩ ଜଣଙ୍କୁ ଗିରଫ କରିଛି। ଏହାଦ୍ୱାରା ସମୁଦାୟ ଗିରଫ ସଂଖ୍ୟା ୭୯ରେ ପହଂଚିଛି। ଗତ ୧୨ ତାରିଖ ଦିନ ଏକ ବାଇକ ଶୋଭାଯାତ୍ରା ସମୟରେ ସମ୍ବଲପୁରରେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ବାଇକ ଶୋଭାଯାତ୍ରା ଉପରକୁ ଟେକାମାଡ କରିଥିଲେ। ଏହି ହିଂସାକାଣ୍ଡ ୧୪ ତାରିଖ ପର୍ଯ୍ୟନ୍ତ ଲାଗିରହିଥିଲା। ସ୍ଥିତିକୁ ଆୟତ କରିବାକୁ ଯାଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ମଧରାତ୍ରିରୁ କର୍ଫ୍ୟୁ ଜାରି କରାଯାଇଛି। ତଥାପି ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଥିବାରୁ ପରିସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ସମୟ ଲାଗିପାରେ ବୋଲି ଆଶଙ୍କା କରାଯାଉଛି। କିନ୍ତୁ ଜନସାଧାରଣଙ୍କ ଆବଶ୍ୟକତା ତଥା ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ଅସୁବିଧାକୁ ଏଡାଇବା ପାଇଁ ସମୟ ସମୟରେ କର୍ଫ୍ୟୁ କୋହଳ କରାଯାଉଛି। କିନ୍ତୁ ପରିସ୍ଥିତି ସ୍ୱାଭାବିକ ନ ହେଲା ଯାଏଁ କର୍ଫ୍ୟୁ ବଳବତର ରହିବ ବୋଲି ଏସ ପି ବି. ଗଙ୍ଗାଧର ସୂଚନା ଦେଇଛନ୍ତି। ଅପରପକ୍ଷେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ସହରରେ ସୁରୁଖୁରୁରେ ଚାଲିଥିବା ଜିଲ୍ଲାପାଳ ଅନନ୍ୟା ଦାସ ପରୀକ୍ଷା ସୁବିଧା ଲାଗି ବିଭିନ୍ନ ବସ ଷ୍ଟାଣ୍ଡ ଓ ରେଳଷ୍ଟେସନରୁ ଛାତ୍ରଛାତ୍ରୀମାନଙ୍କୁ ନବାଆଣିବା କରିବା ପାଇଁ ପ୍ରଶାସନ ବସ ଯୋଗାଇ ଦେଇଥିବା କହିଛନ୍ତି ।

## ଅପ୍ରେଲ ୧୭ରୁ ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳ ୭ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେବ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଚଳିତ ଅପ୍ରେଲ ୧୭ରୁ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା ସକାଳ ୭ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଚାଲିବ । ସ୍ଥଳ ବିଶେଷରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କର ସମୟ ନିର୍ଘଂଟକୁ ପରିବର୍ତ୍ତନ କରିପାରିବେ ଓ ଆବଶ୍ୟକ ପଡ଼ିଲେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଛୁଟି ଘୋଷଣା କରିପାରିବେ । ପୁନଶ୍ଚ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କୁ ଯନିବାନ ହେବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି ।

## ଅତିକ ଓ ଅଶରଫଙ୍କୁ ଦିଆଗଲା କବର ୧୪ ଦିନ ପାଇଁ ହାଜତକୁ ଗଲେ ୩ ଶୁଟର୍

ନୂଆଦିଲ୍ଲୀ, ୧୬/୦୪ : ଉତ୍ତର ପ୍ରଦେଶର ଡନ୍ ବ୍ରଦର୍ସ ଅତିକ ଅହମଦ ଓ ଅଶରଫଙ୍କୁ ଦିଆଯାଇଛି କବର । ପରିବାର ଲୋକଙ୍କ ଉପସ୍ଥିତି ଓ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦୁଇ ଭାଇଙ୍କ ଅନ୍ତିମ ସଂସ୍କାର ପ୍ରୟାଗରାଜର କାସାରି ମଜାରୀ କବରସ୍ଥାନରେ କରାଯାଇଛି। ସମସ୍ତ ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ସେହିପରି ସକାଳ ପ୍ରହରରୁ ୧୪୪ ଧାରା ମଧ୍ୟ ଲାଗୁ ହୋଇଥିଲା। ଡନ୍‌ରୁ ରାଜନେତା ବନିଥିବା ଅତିକ ଅହମଦ ଓ ତାଙ୍କ ଭାଇ ଅଶରଫଙ୍କୁ ଶନିବାର ରାତିରେ ୩ ଜଣ ଯୁବକ ଲାଇଭ କ୍ୟାମେରା ଏବଂ ପୁଲିସ୍



ଉପସ୍ଥିତିରେ ଗୁଳି କରି ହତ୍ୟା କରିଥିଲେ। ଉଭୟଙ୍କୁ ପୁଲିସ୍ ମେଡିକାଲ ଚେକଅପ ପାଇଁ ପ୍ରାୟାଗରାଜର ମୋତିଲାଲ ନେହରୁ ଡିଭିଜନାଲ ହସ୍ପିଟାଲକୁ ନେଉଥିଲା। ହସ୍ପିଟାଲ ଗେଟ୍ ସାମ୍ନାରୁ ହାତକଡ଼ି ପିନ୍ଧି ଚାଲି ଚାଲି ଯାଉଥିବା ବେଳେ ସାମ୍ବାଦିକ ବେଶରେ ଆସିଥିବା ୩ ଯୁବକ ଦୁଇ ଭାଇଙ୍କୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ଉଭୟଙ୍କୁ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଉତ୍ତର ପ୍ରଦେଶରେ ୧୪୪ ଧାରା ଲାଗୁ କରାଯାଇଥିଲା। ଆଜି ସକାଳେ ପ୍ରାୟଗରାଜ ହସ୍ପିଟାଲରେ ଦୁଇ ଭାଇଙ୍କ ଶବ ▶▶ପୃଷ୍ଠା ୭

## ରାଜଧାନୀରେ ଚାଞ୍ଚଲ୍ୟ, ଗ୍ରିଲ ତାଡି ଲୁଟିନେଲେ ୩ ଲକ୍ଷ ଟଙ୍କା ଓ ସାମଗ୍ରୀ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଭୁବନେଶ୍ୱରେ ବଡ ଧରଣର ଲୁଟ । ଗ୍ରିଲ ତାଡି ଲୁଟିନେଲେ ୩ ଲକ୍ଷ ଟଙ୍କା ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ । ସିଟିଟିଭିରେ କଏଦ ହେଲା ଦୃଶ୍ୟ । ଇଲେକ୍ଟ୍ରିକାଲ କଂଟ୍ରାକ୍ଟରଙ୍କ ଅଫିସରେ ପଶି କଳାକନା ବୁଲାଇଲେ ୪ ଦୁର୍ବୃତ୍ତ । ଲୁଟ ପାଇଁ ପୁରା ଯୋଜନା ପ୍ରସ୍ତୁତ କରିଥିଲେ ୪ ଦୁର୍ବୃର୍ତ୍ତ । ପ୍ରଥମରେ ଗ୍ରୀଲ କାଟିଥିଲେ । ପରେ ଦୁଇ ଜଣ ଅଫିସ ଭିତରକୁ ପଶି ଟଙ୍କା ସହ ସୁନା ଓ ରୂପା କଏନ ଲୁଟ କରିଥିଲେ । ଆଉ ଦୁଇ ଜଣ ବାହାରେ ପ୍ରହରା ଦେଉଥିଲେ । ପ୍ରାୟ ଏକ ଘଂଟା ଥିଲା ପୁରା ଅପରେସନ । ତେବେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି ।

## ତାତିରୁ ମିଳବ ତ୍ରାହି, ରାଜ୍ୟରେ ଆଜିଠୁ ୫ ଦିନ ବର୍ଷା !

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଆସନ୍ତାକାଲିଠାରୁ ରାଜ୍ୟରେ ୫ ଦିନ ବର୍ଷା ! ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଘୂର୍ଣ୍ଣିଝଡ ସହ ବର୍ଷା ନେଇ ପୂର୍ବନୁମାନ କରାଯାଇଛି । ସେହିଭଳି ସାମାନ୍ୟରୁ ମଧ୍ୟମଧରଣର ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି । ୧୭ ତାରିଖରେ ୨୦ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି । ୧୮ ତାରୁିଖ ରେ ୧୮ ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି । ୧୯ ତାରିଖରେ ୧୨ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି । ସେହିଭଳି ୨୦ ତାରିଖରେ ୬ ଜିଲ୍ଲାକୁ ବର୍ଷା ସମ୍ଭାବନା ରହିଛି ।

## ରାଜ୍ୟର ୨୨ ସହରର ୪୦ ଡିଗ୍ରୀ ଉପରେ : ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରି

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଆଜି ରାଜ୍ୟର ୨୨ଟି ସହରରେ ତାପମାତ୍ରା ୪୦ ଡିଗ୍ରି ଉପରେ ରହିଛି। ଏଥିରେ ଝାରସୁଗୁଡ଼ା ୪୩ ଡିଗ୍ରି ସହିତ ଶୀର୍ଷରେ ରହିଛି। ଝାରସୁଗୁଡ଼ା ତଳକୁ ବେ?ଦ୍ଧ (୪୨.୫ ଡିଗ୍ରି) ଓ ତୃତୀୟରେ ସମ୍ବଲପୁର (୪୨.୪ ଡିଗ୍ରି) ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ଦିଆଯାଇଥିବା ସୂଚନା ଅନୁସାରେ ତାଳଚେରରେ ଆଜି ୪୨.୨ ଡିଗ୍ରି, ସୁନ୍ଦରଗଡ଼, ଟିଟିଲାଗଡ଼ ଓ ମାଲକାନଗିରିରେ ୪୧.୫ ଡିଗ୍ରି, ବଲାଙ୍ଗୀରରେ ୪୧.୨, ଅନୁଗୁଳରେ ୪୧.୧ ଓ



ରାଉରକେଲାରେ ୪୧ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୦.୮, ବରଗଡ଼ରେ ୪୦.୭, ଭବାନୀପାଟଣାରେ ୪୦.୫, ସୋନପୁରରେ ୪୦.୪, ପାରଳାଖେମୁଣ୍ଡିରେ ୪୦.୨, ଦେବଗଡ଼ରେ ୪୦.୧, କଟକ, ଭୁବନେଶ୍ୱର, ନୟାଗଡ଼, ଯାଜପୁର, ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରେ ୪୦ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି ।

## ଏଡମିସନ କରାଇବା ଆଳରେ ଠକୁଥିବା ୨ ଠକ ଗିରଫ

ବାଲେଶ୍ୱର, ୧୬/୦୪ (ନି.ପ୍ର): ସରକାରୀ ଚାକରି ପ୍ରଦାନ ଆଳରେ ପୂର୍ବରୁ ବାଲେଶ୍ୱରର ଯୁବକ-ଯୁବତୀ ଠକେଇରେ ଶିକାର ହୋଇଥିବା ନେଇ ଅଭିଯୋଗ ଉଠିଥିବା ବେଳେ ଏବେ ସରକାରୀ ଓ ଖ୍ୟାତନାମା ବେସରକାରୀ କଲେଜରେ ନାମ ଲେଖାଇବା ନାଁରେ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ଠକିଥିବା ରାକେଟର ପର୍ଦ୍ଦାଫାସ କରିଛି ଜିଲା ସାଇବର ଥାନା ପୁଲିସ। ମେଡିକାଲ କଲେଜ ସମେତ ଖ୍ୟାତନାମା ଘରୋଇ କଲେଜରେ ବିଭିନ୍ନ ବିଭାଗର ବିଟେକରେ ନାମଲେଖା, ନିଟ ଓ ଓଜେଇଇ ପ୍ରଭୃତି ପରୀକ୍ଷାରେ ଭଲ ର୍ୟାଙ୍କ ପ୍ରଦାନ ନାମରେ ପାଖାପାଖି ୩ କୋଟି ଟଙ୍କା ଠକି ନେଇଥିବା ଦୁଇ ଅଭିଯୁକ୍ତଙ୍କୁ ସାଇବର ପୁଲିସ



ଗିରଫ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଗିରଫ ଦୁଇ ଯୁବକ ହେଲେ ଯାଜପୁର ଅଞ୍ଚଳର ସୁମିତ କୁମାର ବିଶ୍ୱାଳ ଏବଂ ସୁନୀଲ କୁମାର ସାମନ୍ତରାୟ। ସେମାନେ ଭୁବନେଶ୍ୱର ସ୍ଥିତ ଜୟଦେବବିହାର ଅଞ୍ଚଳରେ 'ସାଇ ଏକାଡେମୀ' ନାମରେ ଏକ ଅନୁଷ୍ଠାନ ଖୋଲି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଠକୁଥିଲେ। ୨୦୧୫ମସିହା ଠାରୁ ସେମାନେ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାଯାଇଛି। ତେବେ ଗତ ୧୪ତାରିଖରେ ବାଲେଶ୍ୱର ସାଇବର ଥାନାରେ ଏଭଳି ଏକ ଘଟଣାର ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ଗୋକୁଳ ଚନ୍ଦ୍ର ନାୟକଙ୍କ ଝିଅ ଯୁକ୍ତଦୁଇ ପାସ କରିବା ପରେ ମେଡିକାଲ ଏଣ୍ଟ୍ରାନ୍ସ ଦେଇଥିଲେ। ୭ଶହ ମାର୍କରୁ ୧୩୭ ମାର୍କ ରଖିଥବା ତାଙ୍କ ଝିଅଙ୍କୁ ଏକ ସରକାରୀ ମେଡିକାଲ କଲେଜରେ ଆଡମିସନ କରାଇବା ପାଇଁ ସେ ଏହି ସାଇ ଏକାଡେମିର ସହଯୋଗ ଲୋଡ଼ିଥିଲେ। ଏହି ଠକ ସଂସ୍ଥା ପକ୍ଷରୁ ତାଙ୍କୁ ୫୦ଲକ୍ଷ ଟଙ୍କା ଦାବି କରାଯାଇଥିଲା।ମାତ୍ର ଆଲୋଚନା ପରେ ୨୮ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା। ବରହମପୁର ସ୍ଥିତ ସରକାରୀ ମେଡିକାଲ କଲେଜରେ ଆଡମିସନ ପାଇଁ ଦୁଇଠକ ପ୍ରତିଶ୍ରୁତି ମଧ୍ୟ ଦେଇ ଶ୍ରୀ ନାୟକଙ୍କଠାରୁ ନଗଦ ରାଶି ଓ ଅନଲାଇନ ପେମେଣ୍ଟ ମାଧ୍ୟମରେ ମୋଟ ୨୧ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ତାଙ୍କ ଝିଅଙ୍କୁ ବରହମପୁର ସ୍ଥିତ ମେଡିକାଲ କଲେଜ ନିକଟକୁ ସେଠାରେ ଆଡମିସନ ନ କରାଇ ଅନ୍ୟ ଏକ କଲେଜରେ ଆଡମିସନ କରାଇଥିଲେ। ▶▶ପୃଷ୍ଠା ୭

## ଅଙ୍କୁର ଶିଶୁ ସାହିତ୍ୟ ସଂସଦର ଦଶମ ବାର୍ଷିକ ଉତ୍ସବ

ବଲାଙ୍ଗୀର, ୧୬/୦୪ (ନି.ପ୍ର): ବଲାଙ୍ଗୀରର ଅଙ୍କୁର ଶିଶୁ ସାହିତ୍ୟ ସଂସଦର ଦଶମ ପ୍ରତିଷ୍ଠା ଦିବସ ସଭାପତି କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ମହା ବିଷୁବ ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ଟାଉନ ବାଳିକା ବିଦ୍ୟାଳୟର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶିଶୁର ମନ ଚଳ ଚଂଚଳ, ଶିଶୁ କ୍ଷୁଦ୍ର ନୁହେଁ ବିରାଟ ଏବଂ ଶିଶୁର ମନର କଥାକୁ ଶିଶୁ ସାହିତ୍ୟିକ, କବିମାନେ ଠଉରେଇ ପାରନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ପାର୍ବଣରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟ ସର୍ଜନା ପାଇଁ ରଘୁନାଥ ବାବୁଙ୍କୁ "ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନ" ପ୍ରଦାନ କରାଯାଇଥିଲା । ସଂପାଦକ ଡା. ଅଶୋକ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ସଂସ୍ଥାପକ ମଦନ ମୋହନ ରଥ ଅନୁଷ୍ଠାନର ଭବିଷ୍ୟତ ରୂପରେଖ ଉପରେ ମତ ରଖିଥିଲେ । ପୂର୍ବରୁ ଧିରେନ୍ଦ୍ର ନାରାୟଣ ସିଂହଦେଓଙ୍କ ସଂଯୋଜନାରେ ଏକ କବିତା ପାଠ ହୋଇଥିଲା । ଏହି କବିତା ପାଠରେ ହୃଷୀକେଶ ପୁରୋହିତ, ବଶିଷ୍ଠ ପ୍ରଧାନ, ରତୀ ରଣା, ପୂଜା ସେଠ, ତପସ୍ୱିନୀ ପଶାୟତ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଧର୍ମେନ୍ଦ୍ର ପ୍ରଧାନ, ଜ୍ୟୋତିରାଣୀ ମିଶ୍ର, ଗିରିଜା ଶଙ୍କର ରଥ, ବ୍ରହ୍ମାନନ୍ଦ ବନଛୋର, କପିଳ ପତି, ରମାକାନ୍ତ ନାଏକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ସବିତା ମହରା, ଉମେଶ ବିଶ୍ୱାଲ ଓ ଚୁମକୀ ଦାଶ ସ୍ୱରଚିତ କବିତା ପାଠ କରିଥିଲେ ।

# ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

ସୁବର୍ଣ୍ଣପୁର, ୧୬/୦୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଆଜି ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୨ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏଥି ନିମନ୍ତେ ୬୦ ଗୋଟି ପ୍ୟାକ୍ସ ଓ ୩୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଥିବା ବେଳେ ସମୁଦାୟ ୧୦୦ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ। ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତି ଗ୍ରହଣ କଲାପରେ ଜଣାପଡିବ। ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ପ୍ରତ୍ୟହ ସକାଳ ୭ଟା ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୫୮୫ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବି ଋତୁରେ ୩୨୯୪୬ ଜଣ ଚାଷୀ ପଂଜିକୃତ ହୋଇ ୨୩୭୪୦୪୦. ୨୪ କ୍ୱିଂଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ କୌଣସି ପ୍ରକାର ଅସୁବିଧାକୁ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ଟ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଶ୍ରୀ ଦାଶ ବିଭାଗୀୟ ସମ୍ପୃକ୍ତ ଅଧିକାରୀ ବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ, ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷର ଧାନ କ୍ରୟକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ।

ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲ୍ଲାପାଳ ଅଶୋକ ଭୋଇ, ଉପଜିଲ୍ଲାପାଳ ସୋନପୁର (ଭାରପ୍ରାପ୍ତ ) ଖଦାଲ ପାତ୍ର, ବଲାଙ୍ଗୀର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଶତପଥୀ, ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓଡିଶାଙ୍କ ପ୍ରତିନିଧି ମକରଧ୍ୱଜ ସାହୁ, ବିଧାୟକ ବୀର ମହାରାଜପୁରଙ୍କ ପ୍ରତିନିଧି ଦ୍ୱାରିକା ସାହୁ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସୁରେଶ ପାଣିଗ୍ରାହୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ କରିବା ସହ ଅଧ୍ୟକ୍ଷଙ୍କ ଅନୁମତିରେ ଆଲୋଚିତ କାର୍ଯ୍ୟ ଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ।

## ସେବାସ୍ତମ୍ଭ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ବଲାଣି, ୧୬/୦୪ (ନି.ପ୍ର): ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଅଳ୍ପ ସଂଖ୍ୟକ କର୍ମଚାରୀ କଲ୍ୟାଣ ସଂଘ (ସେବାସ୍ତମ୍ଭ) ବଲାଣି ଶାଖା ପକ୍ଷରୁ ସ୍ଥାନୀୟ ସେବାସ୍ତମ୍ଭ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବକ୍ତା ଭାବେ ରମେଶ ଲାଗୁରି ସମ୍ମାନୀତ ଅତିଥି ଭାବେ ବଲାଣି ଥାନା ଅଧିକାରୀ ବିଦେଶୀ ବାଘ, ବଲାଣି ଖଣିର ପ୍ରକଳ୍ପ ବିଭାଗର ମହାପ୍ରବନ୍ଧକ ରାହୁରାଜ ମଣ୍ଡଳ, ସିଭିଲ ବିଭାଗର ସହ ପ୍ରବନ୍ଧକ ସଂଜୀବ କୁମାର, ଇସ୍ପାତ ମହିଳା ସମିତିର ସଭାପତି କାକୋଲି ଚଟ୍ଟୋପାଧ୍ୟାୟ , ଡି ଏ ଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ହରିଣିମୟୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଭା କାର୍ଯ୍ୟ ପୂର୍ବରୁ ଅତିଥି ମାନେ ଡ଼.ବି ଆର୍ ଆମ୍ବେଦକରଙ୍କ ଫୋଟୋ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମାଲ୍ୟାର୍ପଣ କରିଥିଲେ । ପରେ ସଭା କାର୍ଯ୍ୟରେ ଅତିଥି ମାନେ ଡ଼. ଆମ୍ବେଦକରଙ୍କ ଜୀବନୀ ଓ ତାଙ୍କର ଦେଶ ପ୍ରତି ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପୂର୍ବରୁ ସଂଘ ପକ୍ଷରୁ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ବର୍ଗରେ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ସଭା କାର୍ଯ୍ୟପରେ ଟାଉନସିପ ବିଦ୍ୟାଳୟ, ଶିଶୁ ବିଦ୍ୟମନ୍ଦିର, ରହାନ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୁନ୍ଦନ ସିଂହ ମଂଚ ପରିଚାଳନା କରିଥିବା ବେଳେ ସଂଘର ସଭାପତି ନିଶାକର କାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରି ବେଙ୍ଗଲୀ ସମାଜ ସଦର ୟୁନିଟ ପକ୍ଷରୁ ବେଙ୍ଗଲୀ ନବବର୍ଷ ଉତ୍ସବ ପାଳନ

ମାଲକାନଗିରି, ୧୬/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜର ଅନୁମତି କ୍ରମେ, ମାଲକାନଗିରି ବେଙ୍ଗଲୀ ସମାଜ ସଦର ୟୁନିଟ ଆନୁକୂଲ୍ୟରେ, ସ୍ଥାନୀୟ ସଂସ୍କୃତି ଭବନରେ ମହାଆଡ଼ମ୍ବର, ଉତ୍ସାହ ଓ ଉଦ୍ଦୀପନାର ସହିତ ଆଜି ବେଙ୍ଗଲୀ ଶୁଭ ନବବର୍ଷ ୧୪୩୦ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ପ୍ରଭାତ ଫେରି ଓ ସଂକୀର୍ତନ ମାଧ୍ୟମରେ, ସମସ୍ତ କର୍ମକର୍ତା ଓ ବଙ୍ଗଭାଷି ସଦସ୍ୟ ମାନେ ସଂସ୍କୃତି ଭବନକୁ ଯାଇ ମଙ୍ଗଳ କଳସ ସ୍ଥାପନ କରିଥିଲେ ଓ ଗଣେଶଙ୍କ ପୂଜାର୍ଚ୍ଚନା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ବେଙ୍ଗଲୀ ସମାଜର ବରିଷ୍ଠ କର୍ମକର୍ତା ତଥା ଉପଦେଷ୍ଟା ତପନ ସାନା, ସୁନିଲ ବିଶ୍ୱାସ, ସଞ୍ଜୟ ସରକାର ଏବଂ ସଦର ୟୁନିଟ ର ସଭାପତି ଦିଲିପ ଦାସ, ସମ୍ପାଦକ କିଶୋର ସିକଦାର, ଉପ - ସଭାପତି ଶଙ୍କର ପାଲ, ସହ - ସମ୍ପାଦକ ସୃଷ୍ଟିଧର ହାଲଦାର, କୋଷାଧ୍ୟକ୍ଷ ଦେବରତ କର୍ମକାର ସମସ୍ତଙ୍କୁ ଶୁଭ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ନବବର୍ଷ ପାଳନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଏଥି ସହିତ ବଙ୍ଗଳା ଓ ଓଡ଼ିଆ ନବବର୍ଷରେ ଥିବା ବିଭିନ୍ନ ସାମଞ୍ଜସ୍ୟ ବିଷୟରେ ମଧ ଆଲୋଚନା କରାଯାଇଥିଲା। ଏହାପରେ ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ବଙ୍ଗଳା ଭାଷାଭାଷୀ ଲୋକଙ୍କୁ ମାତୃଭାଷା ବଙ୍ଗଳା ସହିତ ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ମାଲକାନଗିରି ଜିଲ୍ଲାର ସମସ୍ତ ସମ୍ପ୍ରଦାୟ ସହିତ ଶାନ୍ତିପୂର୍ଣ୍ଣ ଭାବରେ ସହାବସ୍ଥାନ ଓ ସାହାଯ୍ୟ ସହଯୋଗିତାର ହାତ ବଢ଼ାଇ ଏହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ସଚେଷ୍ଟ ହେବାପାଇଁ ଶପଥ ନେଇଥିଲେ। ଏହା ପରେ କୁନି କୁନି ପିଲାମାନଙ୍କ ସହିତ, ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମାନଙ୍କ ଦ୍ୱାରା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏହି ଉତ୍ସବକୁ ସଫଳ କରିବା ପାଇଁ ସଦର ୟୁନିଟ ର ଅନ୍ୟାନ୍ୟ କର୍ମକର୍ତା ଯଥା ବିରମହା ଅଧିକାରୀ, ମାଣିକ ବାଛାଡ଼, ସଞ୍ଜୁ ସାହା, ନୀତିଶ ସରକାର, ରାଖାଲ ମିସ୍ତ୍ରୀ, ଜୟଦେବ ଦାସ, ବିପୁଲ ମଣ୍ଡଲ, ବିପୁଲ ବିଶ୍ୱାସ, ରତନ ବଣିକ, ବିଭୂତି ମିସ୍ତ୍ରୀ, ଗୋକୁଳ ରାୟ, ଧୀରେନ ବିଶ୍ୱାସ, ଶ୍ରୀଦାମ ଗାଇନ ଏବଂ ମରୁ ଦାସ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେଇଥିଲେ।

## ଶ୍ରୀ ସତ୍ୟସାଇ ସେବା ସମିତିର ଜଳଛତ୍ର ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୧୬/୦୪ (ନି.ପ୍ର): ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମୀରପାଟଣା ଲକ ରୋଡ୍ ଠାରେ ପବିତ୍ର ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତ ଉପଲକ୍ଷେ ଶୀତଳ ଜଳ ବଣ୍ଟନ କରାଯାଇଛି । ଆଧ୍ୟାତ୍ମିକ ସଂଯୋଜକ ନୃସିଂହ ଚରଣ ତ୍ରିପାଠୀ, ସମିତି ଆବାହକ ରାଜ କିଶୋର ମିଶ୍ର, ମହେନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ପରିକ୍ଷୀତ ସାହୁ, ଉମେଶ ସେଠୀ, ସତ୍ୟଜିତ୍ ମିଶ୍ର ପ୍ରମୁଖ ଜଳ ବଣ୍ଟନରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜୀବେ ନିଷ୍ଠୁରତା ଆଇନ ଓ କାର୍ଯ୍ୟକାରିତା ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୬/୦୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଜୀବେ ନିଷ୍ଠୁରତା ଆଇନ ଓ କାର୍ଯ୍ୟକାରିତା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା କୃଷି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରାଣା (ରାଜସ୍ୱ) ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡାକ୍ତର ଦୀପ୍ତି ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଭଞ୍ଜନ କବିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚଳିତ ହୋଇଥିଲା । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ପ୍ରାଣୀ ସମ୍ପଦ ବିଭାଗ ପୂର୍ବତନ ନିର୍ଦ୍ଦେଶକ ଡ଼ଃ ଲକ୍ଷ୍ମଣ ବେହେରା, ଡିଏସ୍‌ପି କାର୍ତିକ ଚରଣ ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦୀନବନ୍ଧୁ ସାହୁ ଆଇନ ମହା ବିଦ୍ୟାଳୟର ଉପାଧ୍ୟକ୍ଷ କଳିଙ୍ଗ କେଶରୀ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ୧୯୬୦ ମସିହାରେ ପ୍ରଣିତ ପ୍ରାଣୀ ନିଷ୍ଠୁରତା ବିରୋଧୀ ଆଇନର ବିଭିନ୍ନ ଧାରା ଉପରେ ଆଲୋଚନା କରାଯାଇ ମୁକ ପ୍ରାଣୀ ମାନଙ୍କ ପ୍ରତି ମଣିଷ ସମାଜର କର୍ତବ୍ୟ ଉପରେ ଅତିଥି ବକ୍ତା ମାନେ ଆଲୋକପାତ କରିଥିଲେ । ବେଆଇନ ପ୍ରାଣୀ ଚାଲାଣ ନିରାକରଣ ଆଇନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବା ସହ ଜୀବେ ଦୟା ମନଭାବ ରଖି ପ୍ରାଣୀ ପ୍ରେମୀ ତଥା ଜନ ସାଧାରଣଙ୍କୁ ସଚେତନ ପରାମର୍ଶ ଦିଆଯାଇ ଗ୍ରୀଷ୍ମ ପ୍ରବାହ ସମୟରେ ନିଜ ନିଜ ଘର ସମ୍ମୁଖରେ ବା ଛାତ ଉପରେ ପାତ୍ରରେ କିଛି ଜଳ ରଖିବା ପାଇଁ ଯତ୍ନବାନ ହୋଇ ପ୍ରାଣୀଙ୍କ ଜୀବନ ରକ୍ଷାରେ ସହାୟକ ହେବାପାଇଁ ଆଲୋଚନା କରାଯାଇ ଥିଲା । ଏହି ଅବସରରେ ନିଳିକଣା ସ୍ଥିତ ଶ୍ରୀ ବଳଦେବଜୀଉ ଗୋ-ଶାଳା କୁ ୧ ଲକ୍ଷ ୭୩ ହଜାର ୩୦୦ ଟଙ୍କା, ବାରୋ ସ୍ଥିତ ଆପୁଆ ଗୋ-ଶାଳାକୁ ୧ ଲକ୍ଷ ୩୫ ହଜାର ୩୦୦ ଟଙ୍କା, କୁଦାନଗରୀ ସ୍ଥିତ ଆକୁଳି ପରଂବ୍ରହ୍ମ ଗୋ-ଶାଳାକୁ ୮୩ ହଜାର ୫୦୦ ଟଙ୍କା ଓ ପୁରୁଷୋତମପୁର ଗୋ-ଶାଳାକୁ ୧୯ ହଜାର ୬୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ଏସପିସିଏଲ ୪୮ ଜଣ ସଭ୍ୟ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶଙ୍କର ଜେନା, ପୌରସଂସ୍ଥା ରାଜସ୍ୱ ନିରୀକ୍ଷକ ଦେବୀଦତ ଦାଶଙ୍କ ସମେତ କାଉନସିଲର ଉମେଶ ଚନ୍ଦ୍ର ନାୟକ, ଫକୀର ଖଟୁଆ, ବସନ୍ତ ସେଠୀ, ବିଦୂ ଭୂଷଣ ମହାପାତ୍ର, ବିରଜା ପତି, ମୁକ୍ତାର ଖାନ, ସୁକାନ୍ତ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଟିଆରେ ଓଡ଼ିଆ ସ୍କୁଲ ବନ୍ଦ: ପିଲା ଶିଖୁଛନ୍ତି ତେଲୁଗୁ



କୋରାପୁଟ , ୧୬/୦୪ (ନି.ପ୍ର): କୋଟିଆରେ ତେଲୁଗୁ ଭାଷାର ବହୁଳ ପ୍ରସାର ପାଇଁ ଆନ୍ଧ୍ର ସରକାରଙ୍କ ଯୋଜନା ଓଡ଼ିଆ ଭାଷା ପ୍ରତି ବିପଦ ବଡ଼ ସୃଷ୍ଟି କରିଛି । ଫାଟୁସିନେରିରେ ଭଡ଼ାଘରେ ବିଦ୍ୟାଳୟ ଚଲାଇଥିବା ବେଳେ ଧୂଳିପଦରରେ ତେଲୁଗୁ ଶିକ୍ଷା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିଥିବା ଦେଖିବାକୁ ମିଳିଛି । ଯାହାର ସୁଫଳ ମଧ ଆନ୍ଧ୍ର ସରକାରଙ୍କୁ ଏବେ ସିଧାସଳଖ ମିଳୁଛି । ପିଲା ଓଡ଼ିଶାର ବିଦ୍ୟାଳୟରେ ନାମ ଲେଖାଇଥିଲେ ସୁଦ୍ଧା ପାଠ ପଢ଼ିବାକୁ ନିୟମିତ ଆନ୍ଧ୍ର ବିଦ୍ୟାଳୟକୁ ଯାଉଛନ୍ତି ।

ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଗୁଡ଼ିକୁ ସାମୟିକ ଭାବେ ବନ୍ଦ କରିଛନ୍ତି ଓଡ଼ିଶା ସରକାର। କିନ୍ତୁ ଓଡ଼ିଶାର ସୀମାନ୍ତ ତଥା ବିବାଦୀୟ କୋଟିଆ ପଞ୍ଚାୟତରେ ଆନ୍ଧ୍ର ସରକାର ଖୋଲିଥିବା ବିଦ୍ୟାଳୟ ଗୁଡ଼ିକ ପୂର୍ବବତ୍ ଖୋଲିବା ସହ ଶିକ୍ଷାଦାନ ଚାଲିଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆନ୍ଧ୍ର ସରକାର ବର୍ତ୍ତମାନ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ କୋଟିଆ ପଞ୍ଚାୟତର ଧୂଳିପଦର ସ୍ଥିତ ବିଦ୍ୟାଳୟରେ ପାଳନ କରାଯାଉଛି। ଓଡ଼ିଶା ସରକାର ଖୋଲିଥିବା ଧୂଳିପଦର ପ୍ରାଥମିକ ବିଦ୍ୟାଳୟ ଠାରୁ ମାତ୍ର ୩୦ମିଟର ଦୂରରେ ରହିଛି ଆନ୍ଧ୍ର ସରକାରଙ୍କ ଧୂଳିପଦର ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଶାର ୪୦ରୁ ଅଧିକ ପିଲା ନାମ ଲେଖାଇଛନ୍ତି । ଏଥିପାଇଁ ଆନ୍ଧ୍ର ସରକାର ଚାରୋଟି ଶ୍ରେଣୀଗୃହ ନିର୍ମାଣ କରିଛନ୍ତି । ସକାଳ ସାଢ଼େ ୭ଟା ସୁଦ୍ଧା ପିଲା ବିଦ୍ୟାଳୟରେ ପହଞ୍ଚିଗଲେ ୮ଟା ସୁଦ୍ଧା ପ୍ରାର୍ଥନା ହେଉଛି । ୮ଟା ୧୦ମିନିଟ୍‌ରେ ପାଠପଢ଼ା ଆରମ୍ଭ ହୋଇ ୪୦ମିନିଟ୍‌ର ତିନୋଟି କ୍ଲାସ୍ ହେଉଛି । ସକାଳ ୧୦ଟା ୧୦ମିନିଟ୍‌ରେ ମଧ୍ୟାହ୍ନ ଭୋଜନ ପାଇଁ ୧୦ମିନିଟ୍ ପିଲାଙ୍କୁ ସମୟ ଦିଆଯାଉଛି । ଏହାପରେ ୧୦ଟା ୨୦ମିନିଟ୍‌ରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ତିନୋଟି କ୍ଲାସ୍ ହେଉଛି । ୨୦୧୯ ମସିହାରେ ଆନ୍ଧ୍ର ସରକାର ସ୍ଥାପନ କରିଥିବା ଏହି ବିଦ୍ୟାଳୟରେ ଗ୍ରୀଷ୍ମ ଋତୁକୁ ବାଦ୍ ଦେଲେ ବର୍ଷର ଅନ୍ୟ ସମୟରେ ସକାଳ ସାଢ଼େ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପଠପଢ଼ା ହେଉଛି । ଜଣେ ଶିକ୍ଷକ ଏଠାରେ ରହି ନିୟମିତ ଶିକ୍ଷାଦାନ କରୁଛନ୍ତି । ଗାଁରେ ଅନୁସନ୍ଧାନ କରିବାରୁ ଗୋଟିଏ ସାଂଘାତିକ କଥା ଜଣାପଡ଼ିଥିଲା । ବହୁ ବର୍ଷ ତଳେ ଓଡ଼ିଶା ସରକାର ଏଠାରେ ବିଦ୍ୟାଳୟ ସ୍ଥାପନ କରିଥିଲେ। ପିଲାମାନେ ମଧ ଓଡ଼ିଶାର ବିଦ୍ୟାଳୟକୁ ଯାଇ ଓଡ଼ିଆ ଶିଖୁଥିଲେ। କିନ୍ତୁ ଆନ୍ଧ୍ର ସରକାର ବିଦ୍ୟାଳୟ ଆରମ୍ଭ କରିବା ପରେ ଅଭିଭାବକ ସେହି ବିଦ୍ୟାଳୟକୁ ତେଲୁଗୁ ଶିଖିବା ପାଇଁ ପିଲାଙ୍କୁ ଛାଡୁଛନ୍ତି । ତେଣୁ ପିଲାମାନେ କେବଳ ମଧ୍ୟାହ୍ନ ଭୋଜନ କରିବାକୁ ଓଡ଼ିଶାର ବିଦ୍ୟାଳୟକୁ ଆସୁଛନ୍ତି, ଖାଇ ସାରିବା ପରେ ପାଠ ପଢ଼ିବାକୁ ଆନ୍ଧ୍ର ବିଦ୍ୟାଳୟକୁ ଯାଉଛନ୍ତି । ଓଡ଼ିଶା ଶିକ୍ଷା ଦେବାକୁ ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ ସୁଦ୍ଧା ଅଭିଭାବକଙ୍କ ଅନିଚ୍ଛା ଯୋଗୁ ପିଲା ପାଠ ପଢ଼ିବାକୁ ଆସୁନାହାନ୍ତି ।

## ଉଦ୍ୟାନର ନାମକରଣ ପରିବର୍ତନ କରିଥିବାରୁ ବିରୋଧ

ଜୟପୁର, ୧୬/୦୪ (ନି.ପ୍ର): ଜୟପୁର ଜୟପୁର ଖାଲ ସାହି ରେ ଉଦ୍ୟାନ ର ନାମ କରଣ ପରିବର୍ତନ କରାଯାଇଥିବାରୁ ସହିବାସିନ୍ଦା ବିରୋଧ କରିଛନ୍ତି, ଏନେଇ ଜୟପୁର କାର ?ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାହି ବାସିନ୍ଦାଙ୍କ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି. ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି । ଆଜକୁ ସାତ ବର୍ଷ ପୂର୍ବେ ଯଥା ୨୦୧୭ ମସିହା ରେ ଜୟପୁର ଖାଲ ସାହି ରେ ମୁନିସିପାଲିଟି ତରଫରୁ ମା ଗୋଜବାୟାଣିଙ୍କ ନାମ ଅନୁସାରେ ଏକ ଉଦ୍ୟାନପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇ ଥିଲା । ଏହି ସମୟରେ ଜୟପୁର ର କିଛି ନେତା ଓ ମନ୍ତ୍ରୀ ରବିନାରାୟଣ ନନ୍ଦ ଓ ବିଜେଡି ମନ୍ତ୍ରୀ ଝିନ୍ ହିକା ଉପସ୍ଥିତ ରହି ତାଙ୍କ କୋର କୋମଳରେ ଏହି ଉଦ୍ୟାନର ପ୍ରତିଷ୍ଠା ଓ ଶିଳାନ୍ୟାସ କରିଥିଲେ । କିନ୍ତୁ କୈଣସି କାରଣରୁ ସେହି ଜାଗାରେ କିଛି ତିଆରି ହୋଇନଥିଲା । ଦୀର୍ଘ ବର୍ଷ ଧରି ସେହି ଯାଗା ଆବର୍ଜନା ରେ ପଡିରହିଥିଲା । କିନ୍ତୁ ଏବେ ୨୦୨୩ମସିହାରେ ଜୟପୁର ମୁନିସିପାଲିଟି ତରଫରୁ ସେହି ସ୍ଥାନରେ ଏକ ପାର୍କ ନିର୍ମାଣ କରାଯାଉ ଅଛି । ଏହା ସ୍ୱାଗତ ଯୋଗ୍ୟ । କିନ୍ତୁ ପୁର୍ବ ଦିନରେ ସେହି ଉଦ୍ୟାନକୁ ଗୋଜବାୟାଣି ଉଦ୍ୟାନ ବୋଲି ନାମିତ କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ଏବେ ସେହି ଉଦ୍ୟାନ ର ନାମ ପରିବର୍ତନ କରି ହରିସ୍ ଚନ୍ଦ୍ର ବକ୍ସିପାତ୍ରଙ୍କ ନାମରେ ତିଆରି କରାଯାଉଅଛି । ଓ ପ୍ରତି ମୂର୍ତି ତିଆରି କରାଯାଉଅଛି । ଯାହା ଫଳରେ ସେହି ପାର୍କର ଯାଗା ସଙ୍କୁଚିତ ହୋଇଯାଉଛି । ଏଠାରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ ଯଦି ହରିଷ ଚନ୍ଦ୍ର ବକ୍ସିପାତ୍ରଙ୍କ ନାମରେ ଏହି ଉଦ୍ୟାନ କରିବାର ଥିଲା ତାହା ହେଲେ ସେହି ଉଦ୍ୟାନକୁ କଣ ପାଇଁ ମା ଗୋଜବାୟାଣି ଙ୍କ ନାମରେ ନାମିତ କରାଯାଇଥିଲା । ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି ଉକ୍ତ ଅଂଚଳର କାଉନସିଲର ଓ ସାହି ବାସିନ୍ଦାଙ୍କ ସହ ଆଲୋଚନା କରି ସମାଧାନ କରାଯିବ ।

## ଫୁଲବାଣୀ ପ୍ରେସକ୍ଲବ ପକ୍ଷରୁ ବି.ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

କନ୍ଧମାଳ, ୧୬/୦୪ (ନି.ପ୍ର): ଫୁଲବାଣୀ ପ୍ରେସ କ୍ଲବ ପକ୍ଷରୁ ଶୁକ୍ରବାର ପ୍ରେସ କ୍ଲବ ଠାରେ ବାବା ସାହେବ ଭିମ ରାଓଙ୍କ ଆମ୍ବେଦକରଙ୍କ ୧ ୩ ୨ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ପୌର ନିର୍ବାହୀ ଅଧିକାରୀ ତଥା ସମାଜସେବୀ ବଳଦେବ ବେହେରା ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜାଗ୍ରତ କନ୍ଧମାଳ ସଂପାଦକ,ତଥା ଆଇନଜୀବୀ ସମାଜସେବୀ ସତ୍ୟନାରାୟଣ ବେହେରା, ସମାଜସେବୀ ବବିତା ସାହାଣୀ, କଣ୍ଠ ଶିଳ୍ପୀ, ଅଭିନେତା, ତଥା ସମାଜସେବୀ ଜଳନ୍ଧର ବେହେରା, ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣୟନ ଓ ସମାଜ ସୁଧାର ଦିଗରେ ଭାରତ ରତ୍ନ ଡଃ.ଭୀମରାଓ ଆମ୍ବେଦକରଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରେସକ୍ଲବର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଡ଼ଃ. ଆମ୍ବେଦକର ସମ୍ବିଧାନ ପ୍ରଣୟନ ସହିତ କିପରି ପ୍ରତ୍ୟେକ ମଣିଷ ସୁଖ ସ୍ୱଚ୍ଛନ୍ଦରେ ଉଚିତ ନ୍ୟାୟୀକ ଅଧିକାର ପାଇପାରିବ ସେଥିପ୍ରତି ଦୃଷ୍ଟି ଦେଇଥିବା ନେଇ ମତ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କମଧ୍ୟରେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଡିଗାଲ, ସମାଜ ସେବୀ ତଥା କଂଗ୍ରେସ ନେତା ଘନ ଶବର, ଜାଗ୍ରତ କନ୍ଧମାଳ ଉପସଭାପତି ବିଚିତ୍ର ପ୍ରଧାନ ପ୍ରମୁଖ ଡ଼ଃ ଆମ୍ବେଦକର ଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିଥିଲେ। ଶେଷରେ ପ୍ରେସ କ୍ଲବ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେଲ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗ ଦ୍ୱାରା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରୁ ସର୍ବକାଳୀନ ଶ୍ରେଷ୍ଠ ୭୧୮.୩୭ କୋଟି ଟଙ୍କାର କ୍ରୟ

ରାଉରକେଲା, ୧୬/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ୨୦୨୨-୨୩ ଆର୍ଥିକ ବର୍ଷରେ ବହୁମୁଖୀ ଆଭିମୁଖ୍ୟ କାରଖାନାର ଉତ୍ପାଦନ ଶୃଙ୍ଖଳର ସୁଗମ ତଥା ନିରବଚ୍ଛିନ୍ନ କାର୍ଯ୍ୟଧାରା ପାଇଁ ସାମଗ୍ରୀ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବା ସଙ୍ଗେସଙ୍ଗେ ଆତ୍ମନିର୍ଭର ଭାରତ ଓ ମେକ ଇନ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିବାରେ ମଧ ସାହାଯ୍ୟ କରିଛି । ଆରଏସପି ଗତ ଆର୍ଥିକ ବର୍ଷରେ ସରକାରୀ ଇ-ବଜାର ସ୍ଥଳୀ (ଜିଇଏମ) ପୋର୍ଟାଲ ମାଧ୍ୟମରେ ୧୮୭୩.୨୨ କୋଟି ଟଙ୍କା ମୂଲ୍ୟର ଉତ୍ପାଦ କ୍ରୟ କରିଛି ଯାହା ପୂର୍ବ ଆର୍ଥିକ ବର୍ଷ ପରମାଣ ତୁଳନାରେ ୩୦୦% ରୁ ଅଧିକ ଅଟେ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଆର୍ଥିକ ଅଭିବୃଦ୍ଧିରେ ସହାୟତା କରିଛି । ଜିଇଏମ ପୋର୍ଟାମ ମାଧ୍ୟମରେ କ୍ରୟ ସମୁଦାୟ ୩୦୧୬ କୋଟି ଟଙ୍କାର କ୍ରୟର ପ୍ରାୟ ୬୨% ଅଟେ । ସେହିପରି ଆଲୋଚ୍ୟ ଆର୍ଥିକ ବର୍ଷରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଇ) ରୁ ସର୍ବକାଳୀନ ଶ୍ରେଷ୍ଠ ୭୧୮.୩୭ କୋଟି ଟଙ୍କାର ସାମଗ୍ରୀ କ୍ରୟ କରାଯାଇଛି । ଏହା ପୂର୍ବ ଶ୍ରେଷ୍ଠ ୨୦୨୧-୨୨ ଆର୍ଥିକ ବର୍ଷର ପରିମାଣରୁ ୭୪.୫% ବୃଦ୍ଧି ଅଟେ । ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କ ଠାରୁ କ୍ରୟର ପରିମାଣ ପୂର୍ବ ଆର୍ଥିକ ବର୍ଷର ୩.୩୭ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୨-୨୩ ଆର୍ଥିକ ବର୍ଷରେ ୫.୮୫ କୋଟି ଟଙ୍କା ହୋଇଥିବା ବେଳେ ମହିଳା ଉଦ୍ୟୋଗୀଙ୍କ ଠାରୁ କ୍ରୟରେ ମଧ ୨୦୦% ବୃଦ୍ଧି ପାଇଛି ଯାହା ଗତ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ୪୦.୧୨ କୋଟି ଟଙ୍କା ରହିଥିଲା । ଏହା ବ୍ୟତୀତ ଆରଏସପିର ଆମଦାନୀ କ୍ରୟ ୨୦୨୧-୨୨ ଆର୍ଥିକ ବର୍ଷର ୬୯.୩୨ କୋଟି ଟଙ୍କା ତୁଳନାରେ ୧୭.୪% ହ୍ରାସ ପାଇ ୫୭.୨୩ କୋଟିରେ ପହଞ୍ଚିଛି । ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପାରସ୍ପରିକ ଲାଭ ତଥା ବ୍ୟବସାୟିକ ସହଭାଗିତା ଗଠନ ଏବଂ ବୈଷୟିକ ଜ୍ଞାନକୌଶଳର ଉନ୍ନତି ପାଇଁ ଆରଏସପି ଏମଏମ ବିଭାଗ ଆନୁକୁଲ୍ୟରେ ବିଭିନ୍ନ ସମୟରେ ବିବିଧ ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଏବଂ ମତବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହା ବ୍ୟତୀତ, ଏମଏମ୍ ବିଭାଗର ପ୍ରଗାଢ଼ ପ୍ରୟାସର ଫଳସ୍ୱରୂପ ଗତ ଆର୍ଥିକ ବର୍ଷରେ ଗାର୍ଣ୍ଣ ସୀସା ସମୟକୁ ୨.୯ ଦିନରୁ ୨.୨ ଦିନକୁ ହ୍ରାସ କରାଯାଇପାରିଛି । ଉକ୍ତ ଅବଧି ମଧ୍ୟରେ ମାସ ଉପଯୋଗକୁ ମଧ ୫.୬୩ ରୁ ୫.୨୪କୁ ହ୍ରାସ କରାଯାଇପାରିଛି । ଏହି ଉତ୍ସାହଜନକ ଫଳାଫଳ ଏମଏମ ଦଳକୁ ଉତ୍କର୍ଷତାର ଧାରା ବଜାୟ ରଖିବା ନିମନ୍ତେ ଏବଂ ଇସ୍ପାତ କାରଖାନା ଏହାର ଉତ୍ପାଦନରେ ଏକ ଉଚ୍ଚାଭିଳାଷୀ ବୃଦ୍ଧି ଆଣିବା ନିମନ୍ତେ ପ୍ରୟାସରତ ଥିବା ବେଳେ ଏବଂ ସଂପ୍ରସାରଣ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଭବିଷ୍ୟତର ସମସ୍ତ ପ୍ରୟାସରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ବିଭାଗକୁ ଉତ୍ସାହିତ କରିଛି ।

# କେଉଁଠାରୁ ଏବଂ କିପରି ହୋଇଥିଲା ଶିବଲିଙ୍ଗର ଉତ୍ପତ୍ତି ?

## ଜାଣନ୍ତୁ ଭଗବାନ ଶିବଙ୍କ ସହ ଜଡିତ ଏହି ରହସ୍ୟ



**ହିନ୍ଦୁ ଧର୍ମରେ କାଇଁ କେଉଁ କାଳରୁ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଗଭିର ସମ୍ପର୍କ ରହି ଆସିଛି । ଯାହାଫଳରେ ଭକ୍ତ ସର୍ବଦା ଭଗବାନଙ୍କ ଅଲୌକିକ ଗାଥା ଏବଂ ତାଙ୍କର ବିଭିନ୍ନ ରହସ୍ୟ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରେ । ତେବେ ଆମେ ଆଜି ଆପଣଙ୍କ ଭଗବାନ ଶିବଙ୍କ ଲିଙ୍ଗ ରୂପ କିପରି ଏବଂ କେଉଁଠୁ ଉତ୍ପତ୍ତି ହୋଇଥିଲା ସେହି ବିଷୟରେ ଜଣାଇବାକୁ ଯାଉଛୁ । ଯାହାକି ଅନେକ ଭକ୍ତମନରେ ଏକ ପ୍ରଶ୍ନବାଚି ସୃଷ୍ଟି କରେ । ବର୍ତ୍ତମାନ ଆସନ୍ତୁ ଜାଣିବା ଭାଗବାନ ଶିବଙ୍କ ସହ ଜଡିତ କିଛି ରହସ୍ୟ ବିଷୟରେ...**



### କପିର ହୋଇଥିଲା ଶିବ ଲିଙ୍ଗର ଉତ୍ପତ୍ତି :

ହିନ୍ଦୁ ଧର୍ମରେ ଭଗବାନ ଶିବ ଏବଂ ଶିବଲିଙ୍ଗଙ୍କ ମୂର୍ତ୍ତି ପୂଜା କରିବାର ଏକ ନିୟମ ଅଛି । କୁହାଯାଏ ଯେ ଯଦି କୌଣସି ଭକ୍ତ ଭଗବାନ ଶିବଙ୍କୁ ପ୍ରକୃତ ଭକ୍ତି ସହିତ ପୂଜା , ଆରାଧନା କରେ ତାଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଏଥିସହିତ ସେମାନଙ୍କୁ ସ୍ୱର୍ଗ ପ୍ରାପ୍ତି ହୋଇଥାଏ । ସେହିପରି ଧାର୍ମିକ ଶାସ୍ତ୍ରରେ ମଧ ଶିବଲିଙ୍ଗଙ୍କ ମହତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକି ଭଗବାନ ଶିବଙ୍କ ଏକ ରହସ୍ୟ ସହ ଜଡିତ । ତେବେ କିମ୍ବଦନ୍ତୀ ଅନୁଯାୟୀ, ବ୍ରହ୍ମାଣ୍ଡ ସୃଷ୍ଟି ହେବା ପରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଉଭୟ ନିଜକୁ ସବୁଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାରେ ବ୍ୟସ୍ତ ଥିଲେ । ଫଳରେ ସଂସାରର ସନ୍ତୁଳନ ବିଗିଡିବାର ଲାଗିଲା । ଯାହାକୁ ଦେଖି ଭଗବାନ ଶିବ ଏକ ଉପାୟ ଚିନ୍ତା କଲେ ଏବଂ ଠିକ୍ ସମୟରେ ଆକାଶରେ ଏକ ଉଜ୍ଜ୍ୱଳ ପଥର ସୃଷ୍ଟି କଲେ । ଏଥିସହିତ ଏକ ଶୂନ୍ୟବାଣୀ ହେଲା ଯେ ଯିଏ ଏହି ପଥରର ଅନ୍ତ ପାଇବ ସେ ଅଧିକ ଶକ୍ତିଶାଳୀ ବିବେଚିତ ହେବ । ବିଶ୍ୱାସ କରାଯାଏ ଯେ ସେହି ପଥରଟି ଶିବଲିଙ୍ଗ ଥିଲା ।

ତେବେ ଏହି ଶୂନ୍ୟବାଣୀ ପରେ ପଥର ଅନ୍ତ ଖୋଜିବା ପାଇଁ ଉଭୟ ଦେବତା ବ୍ରହ୍ମା ଏବଂ ବିଷ୍ଣୁ ଜଣେ ସ୍ୱର୍ଗ ଏବଂ ଜଣେ ମର୍ତ୍ତ୍ୟରେ ପହଞ୍ଚିଲେ । କିନ୍ତୁ ସମସ୍ତ ପ୍ରୟାସ ପରେ ମଧ ସେହି ପଥରର ଅନ୍ତ ପାଇ ପାରିଲେ ନାହିଁ । ଫଳରେ ଶେଷରେ ବାଧ ହୋଇ ଭଗବାନ ବିଷ୍ଣୁ ପରାଜୟ ଗ୍ରହଣ କଲେ । କିନ୍ତୁ ଭଗବାନ ବ୍ରହ୍ମା ନିଜର ପରାଜୟ ସ୍ୱିକାର କରିବା ପରିବର୍ତ୍ତେ ସେ ପଥରର ଅନ୍ତ ପାଇଛନ୍ତି ବୋଲି ଘୋଷଣା କଲେ । କିନ୍ତୁ ଏହି ସମୟରେ ଆକାଶରୁ ପୁଣି ଏକ ଶୂନ୍ୟବାଣୀ ହେଲା, ଯେଉଁଥିରେ ଶୁଣିବାକୁ ମିଳିଲା ଯେ ମୁଁ ଶିବଲିଙ୍ଗ ଅଟେ । ମୋର ଆରମ୍ଭ ନାହିଁ କି ଅନ୍ତ ମଧ ନାହିଁ । ଏହାପରେ ଭଗବାନ ଶିବ ମଧ ସେଠାରେ ଆବିର୍ଭାବ ହେଲେ ଏବଂ କହିଲେ ଯେ ଏହି ପଥର ହେଉଛି ମୋର ଏକ ଅଂଶ ଯାହାକୁ ସାରା ବ୍ରହ୍ମାଣ୍ଡରେ ଶିବଲିଙ୍ଗ ଭାବରେ ପୂଜା କରାଯିବ । ସେବେଠାରୁ ବ୍ରହ୍ମାଣ୍ଡରେ ଏହି ପଥରକୁ ଶିବଲିଙ୍ଗ ଭାବରେ ପୂଜା କରାଯାଏ ।

### ଶିବଲିଙ୍ଗର ଅର୍ଥ :

ପୌରାଣିକ ଗାଥା ଅନୁସାରେ ଶିବଲିଙ୍ଗ ଦୁଇଟି ଶବ୍ଦରେ ତିଆରି ହୋଇଛି, ଶିବ ଏବଂ ଲିଙ୍ଗ । ତେବେ ଶିବର ଅର୍ଥ କଲ୍ୟାଣ ହୋଇଥିବା ବେଳେ ଲିଙ୍ଗର ଅର୍ଥ ଯାହାର ଅର୍ଥ ସୃଷ୍ଟି ବୋଲି ବିଶ୍ୱାସ ରହିଛି । ତେବେ ଏହି ଶିବ ଲିଙ୍ଗ ଦୁଇ ପ୍ରକାର ଗୋଟିଏ ହେଉଛି ଜ୍ୟୋତିର୍ଲିଙ୍ଗ ଏବଂ ଅନ୍ୟଟି ହେଉଛି ପାରଦ ଶିବ ଲିଙ୍ଗ । ତେବେ ଏହି ଜ୍ୟୋତିର୍ଲିଙ୍ଗକୁ ସମଗ୍ର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଭାବରେ ବିବେଚନା କରାଯାଏ । କୁହାଯାଏ ଯେ ଏହି ଶିବଲିଙ୍ଗ ଜଳ, ବାୟୁ, ଆକାଶ, ପୃଥିବୀ, ମାୟା, ଚିନ୍ତା, ଭାବନା, ବ୍ରହ୍ମ, ଜୀବ, ବୁଦ୍ଧି ଆଦୁ ସୃଷ୍ଟି ହୋଇଛି ।

# ଏଭଳି ସମସ୍ୟା ଥିବା ଲୋକଙ୍କ ପାଇଁ ଅଣ୍ଡା କ୍ଷତିକାରକ: ନଚେତ ବଢ଼ିଯିବ ହାର୍ଟ ଆଟାକର ଆଶଙ୍କା



ସ୍ୱାସ୍ଥ୍ୟ ପାଇଁ ଅଣ୍ଡା ଅତ୍ୟନ୍ତ ଲାଭଦାୟକ, କିନ୍ତୁ ଏହା ଜରୁରୀ ନୁହେଁ ଯେ ଏହା ସମସ୍ତ ଲୋକଙ୍କ ପାଇଁ ଲାଭଦାୟକ ହେବା ଉଚିତ୍ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ କିଛି ଲୋକଙ୍କ ପାଇଁ ଅଣ୍ଡା ଖାଇବା କ୍ଷତିକାରକ ହୋଇପାରେ । ଆଜି ଆମେ ଆମେ ଆପଣଙ୍କ ପାଇଁ ସେହି ଲୋକଙ୍କ ବିଷୟରେ କହିବାକୁ ଯାଉଛୁ ଯେଉଁମାନେ ଅଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । କିମ୍ବା ଆପଣଙ୍କ ଡାକ୍ତରଙ୍କ ପରାମର୍ଶରେ, କେତେ ଅଣ୍ଡା ଖାଇ ପାରିବେ ତାହା ବିଷୟରେ କହିବୁ । ଅଣ୍ଡା ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ । ଏଥିରେ ପ୍ରୋଟିନ୍, କ୍ୟାଲସିୟମ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍ ଏବଂ ଫସଫରସ୍ ଇତ୍ୟାଦି ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ । ଅଣ୍ଡା ଖାଇବା ଦ୍ୱାରା ହାଡ ମଜବୁତ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ ଶକ୍ତିଶାଳୀ ହୁଏ । ଯେଉଁମାନେ ସୁସ୍ଥ ଏବଂ ପ୍ରୋଟିନ୍ ଆବଶ୍ୟକ କରନ୍ତି ସେମାନଙ୍କ ପାଇଁ ଏହା ଲାଭଦାୟକ ।

ଜଣେ ଆମେରିକୀୟ ଡାକ୍ତର ତାଙ୍କ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ସେ କହିଛନ୍ତି ଯେ ଶରୀରରେ ଅଧିକାଂଶ କୋଲେଷ୍ଟ୍ରଲ ଯକୃତ କାରଣରୁ ତିଆରି ହୋଇଥାଏ, ତେଣୁ ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ ଅଧିକ ପରିମାଣର ଚର୍ବିଯୁକ୍ତ ଖାଦ୍ୟ ଖାଇବା ଆମ ଯକୃତରେ ଅଧିକ କୋଲେଷ୍ଟ୍ରଲ ସୃଷ୍ଟି କରିଥାଏ । ଅଣ୍ଡାରେ ଉଭୟ କୋଲେଷ୍ଟ୍ରଲ ଏବଂ ଚର୍ବି ଥାଏ, ତେଣୁ ଯଦି ଆପଣ ପ୍ରତିଦିନ ୧ଟି ଅଣ୍ଡା ଖାଆନ୍ତି ତେବେ ଏହାର କୌଣସି କ୍ଷତି ହେବ ନାହିଁ, କିନ୍ତୁ ଗୋଟିଏରୁ ଅଧିକ ଅଣ୍ଡା ଖାଇବା ଆପଣଙ୍କ ଅବସ୍ଥାକୁ ଖରାପ କରିପାରେ ।

ଏହି ଲୋକ ଅଣ୍ଡା ଖାଇବା ଉଚିତ୍ ନୁହେଁ :-

– କିଡନୀ ସମସ୍ୟା ଥିବା ଲୋକମାନେ ଅଣ୍ଡାର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରହିବା ଉଚିତ୍ ।

– ଅଣ୍ଡାର ଅତ୍ୟଧିକ ବ୍ୟବହାର ହେତୁ ଶରୀରର କୋଲେଷ୍ଟ୍ରଲ ସ୍ତର ବଢ଼ିଥାଏ, ତେଣୁ ଯେଉଁମାନଙ୍କର କୋଲେଷ୍ଟ୍ରଲ ସ୍ତର ଅଧିକ, ସେମାନେ ଏହାର ବ୍ୟବହାରରୁ ଦୂରେଇ ରହିବା ଉଚିତ୍ ।

– ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି କୋଲେଷ୍ଟ୍ରଲ ରୋଗୀ ଅଧିକ ଅଣ୍ଡା ଖାନ୍ତି, ତେବେ ହୃଦଘାତ ହେବାର ଆଶଙ୍କା ବଢ଼ିଯାଏ । ସେଥିପାଇଁ ଏହିପରି ରୋଗୀମାନେ ଅଣ୍ଡାଠାରୁ ଦୂରେଇ ରହିବା ଉଚିତ୍ ।

# ବିଜୁଳି ଚାଲିଯାଇଥିଲେ ବି 'ନୋ ଟେନସନ' : ୫ଟି ଉପାୟରେ ଘରକୁ କରିପାରିବେ ଥଣ୍ଡା

**ଏପ୍ରିଲ୍ ମାସରେ ଏବେ ଗ୍ରୀଷ୍ମର ପ୍ରବଳ ଉତ୍ତାପ ଅନୁଭବ ହେଉଛି । ଉତ୍ତାପ ବୃଦ୍ଧି ମଧ୍ୟରେ ବିଦ୍ୟୁତ୍ କଟ୍ ପ୍ରାୟତଃ ଏକ ବଡ ସମସ୍ୟା ପାଲଟିଛି । ଏସି, କୁଲର୍ ଏବଂ ପଙ୍ଖାଗୁଡ଼ିକ ବନ୍ଦ ହେବା ମାତ୍ରେ ସମସ୍ତଙ୍କ ଅବସ୍ଥା ଖରାପ ହେବାକୁ ଲାଗେ । ଅନେକ ଲୋକ ଅଛନ୍ତି ଯେଉଁମାନେ ଉତ୍ତାପକୁ ସହ୍ୟ କରିପାରନ୍ତି ନାହିଁ ଏବଂ ବେଳେବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ । ଏପରି ପରିସ୍ଥିତିରେ ଗରମକୁ ଦୃଷ୍ଟିରେ ରଖି ଏହିପରି କିଛି ପଦ୍ଧତି ଗ୍ରହଣ କରାଯିବା ଆବଶ୍ୟକ, ଯାହାଦ୍ୱାରା ବିଦ୍ୟୁତ୍ ସରିବା ପରେ ମଧ ଏହା ଘରକୁ ଥଣ୍ଡା ରଖାଯାଇପାରିବ । ଏହି ପଦ୍ଧତିଗୁଡ଼ିକ କେବଳ ପଙ୍ଖା ଚାଲିଥିବା ବେଳେ ଘରର ଥଣ୍ଡା ବଜାୟ ରଖିପାରିବ । ଯଦି ଆପଣ ଉତ୍ତାପରୁ ରକ୍ଷା ପାଇବା ପାଇଁ ଉପାୟ ଖୋଜୁଛନ୍ତି, ତେବେ କିଛି ପଦ୍ଧତିଗୁଡ଼ିକ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରେ । ଘରେ ଛୋଟ ପରିବର୍ତ୍ତନ କରି ଏହାକୁ ଥଣ୍ଡା ରଖାଯାଇପାରିବ । ଆସନ୍ତୁ ଜାଣିବା ଏହିପରି ୫ ଟି ସହଜ ଉପାୟ...**



**ଘରକୁ ଥଣ୍ଡା ରଖିବା ପାଇଁ ୫ ଟି ଉପାୟ :-**

୧. ଛାତ ଉପରେ ପାଣି ଢ଼ାଳନ୍ତୁ –

ପୁରୁଣା ଯୁଗରୁ ଘରକୁ ଥଣ୍ଡା ରଖିବା ପାଇଁ ଛାତ ଉପରେ ପାଣି ଢ଼ାଳାଯାଉଥିଲା । ଏହି ପାରମ୍ପରିକ ପଦ୍ଧତି ଆଜି ମଧ ପ୍ରଭାବଶାଳୀ । ଯେତେବେଳେ ସୂର୍ଯ୍ୟର ଉତ୍ତାପ ଯୋଗୁଁ ଛାତ ଗରମ ହେବା ଆରମ୍ଭ କରେ, ସେତେବେଳେ ଘର ଭିତରେ ଉତ୍ତାପ ଏବଂ ଆର୍ଦ୍ରତା ଅନୁଭବ ହୁଏ । ଏପରି ପରିସ୍ଥିତିରେ ଛାତ ଉପରେ ପାଣି ଢ଼ାଳିବା ଏବଂ ଥଣ୍ଡା ରଖିବା ଦ୍ୱାରା ଉତ୍ତାପ କମିଯାଏ । ଏହା ବ୍ୟତୀତ ଛାତକୁ ଟିଣ କିମ୍ବା ଅନ୍ୟ କୌଣସି ଉପାୟରେ ଆଚ୍ଛାଦନ କରି ଉତ୍ତାପକୁ ହ୍ରାସ କରାଯାଇପାରେ ।

୨. ପିଓପି ସାହାଯ୍ୟରେ

– ଘରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ପିଓପି ପ୍ରାୟତଃ ବ୍ୟବହୃତ ହୁଏ । କିନ୍ତୁ ଆପଣ ଜାଣନ୍ତି କି ପିଇପି ଆପଣଙ୍କ ଘରକୁ ଥଣ୍ଡା ରଖିବାରେ ମଧ ସହାୟକ ହୋଇଥାଏ । ବାସ୍ତବରେ, ପିଓପି ଛାତରୁ ଆସୁଥିବା ଉତ୍ତାପକୁ କିଛି ପରିମାଣରେ ଶୋଷିବା ପାଇଁ ମଧ କାମ କରେ । ଏପରି ପରିସ୍ଥିତିରେ ରୁମରେ ପିଓପି କାମ ହୋଇଥାଏ, ସେଥିରେ ଆପଣଙ୍କୁ ଅନ୍ୟ ରୁମ୍ ତୁଳନାରେ କମ୍ ଗରମ ଲାଗିଥାଏ ।

୩. ବାଲକୋନୀରେ ଗଛ ଲଗାଇବା

– ଘରକୁ ଯେଉଁ ବାଟ ଦେଇ ପବନ ଆସିଥାଏ, ସେଠାରେ ସବୁଜ ଏବଂ ଘନ ଗଛ ଲଗାଯାଇପାରିବ । ମୁଖ୍ୟତଃ ଅଧିକରୁ ଅଧିକ ସବୁଜ ଉଦ୍ଭିଦ ବାଲକୋନୀରେ ଲଗାଇପାରବେ । ଏପରି ପରିସ୍ଥିତିରେ ସେଠାରୁ ଆସୁଥିବା ବାୟୁ ଥଣ୍ଡା ଅନୁଭବ କରାଇବ ଏବଂ ଉଦ୍ଭିଦଗୁଡିକ ମଧ ଉତ୍ତାପକୁ ବନ୍ଦ କରିଦେବ । ଏହା ସହିତ ଝରକା ପାଖରେ ସବୁଜ ଉଦ୍ଭିଦଗୁଡିକୁ ରଖିବା ଦ୍ୱାରା ଥଣ୍ଡା ପବନ ମିଳିଥାଏ ।

୪. ଗ୍ରୀନ ନେଟ୍

– ଉତ୍ତାପର ଅନୁଭବକୁ ହ୍ରାସ କରିବାରେ ଗ୍ରୀନ୍ ନେଟ୍ ବହୁତ ପ୍ରଭାବଶାଳୀ ହୋଇପାରେ । ଉଦ୍ଭିଦକୁ ସିଧାସଳଖ ସୂର୍ଯ୍ୟ କିରଣରୁ ରକ୍ଷା କରିବା ପାଇଁ ଗ୍ରୀନ୍ ନେଟ୍ ବ୍ୟବହୃତ ହୁଏ, କିନ୍ତୁ ଆପଣ ଏହାକୁ ଘରର ମୁଖ୍ୟ ଦ୍ୱାରରେ କିମ୍ବା ବାଲକୋନୀରେ ପରଦା ଭାବରେ ରଖିପାରିବେ । ଏହା ଗରମ ପବନକୁ ସିଧାସଳଖ ବହୁ ପରିମାଣରେ ଆସିବାକୁ ପ୍ରତିରୋଧ କରିବ ।

୫. ନଡା ବିଡ଼ା

– ବିଦ୍ୟୁତ୍ କଟିଗଲେ ମଧ ଘରକୁ ଥଣ୍ଡା ରଖିବା ପାଇଁ ନଡା ବିଡ଼ା ଲଗାଇବା ଏକ ପୁରାତନ ଏବଂ ପାରମ୍ପାରିକ ଉପାୟ । ଏହାକୁ ପ୍ରୟୋଗ କରିବା ପରେ ଆସୁଥିବା ପବନ କୁଲର ଏବଂ ଏସିର ଅନୁଭବ ଦେଇଥାଏ । ଏହା ମୁଖ୍ୟତଃ ମୁଖ୍ୟ ଫାଟକ କିମ୍ବା ଯେଉଁ ସ୍ଥାନରୁ ସର୍ବାଧିକ ପବନ ଆସେ ସେହି ସ୍ଥାନରେ ଲଗାଯାଇଥାଏ । ସମୟ ସମୟରେ ଏହା ଉପରେ ପାଣି ଢ଼ାଳାଯାଏ, ଯେଉଁ କାରଣରୁ ଗରମ ପବନ ସମ୍ପୂର୍ଣ୍ଣ ଥଣ୍ଡା ହୋଇଯାଏ ।

# ଏପ୍ରିଲ ୨୨ରୁ ଆରମ୍ଭ ହେବ ଗୁରୁ ଚଣ୍ଡାଳ ଯୋଗ : ୪ ରାଶି ପାଇଁ ଅଶୁଭ

ଏପ୍ରିଲ ୨୨ରେ ଗୁରୁ ଚଣ୍ଡାଳ ଯୋଗ ଆରମ୍ଭ ହେବ । ବିଶ୍ୱାସ କରାଯାଏ ଯେ ଯେତେବେଳେ ଗୁରୁ ଓ ରାହୁଙ୍କ ମିଳନ ହୁଏ, ସେତେବେଳେ ଗୁରୁ ଚଣ୍ଡାଳ ଯୋଗ ସୃଷ୍ଟି ହୁଏ । ଏହି ଗୁରୁ ଚଣ୍ଡାଳ ଯୋଗ ୭ ମାସ ପର୍ଯ୍ୟନ୍ତ ଚାଲିବାକୁ ଯାଉଛି । ଏହା ଅନେକ ରାଶି ଉପରେ ପ୍ରଭାବ ପକାଇବ । ଗୁରୁ ଚଣ୍ଡାଳ ଯୋଗ କେତେକଙ୍କ ପାଇଁ ଶୁଭ ଏବଂ ଅନ୍ୟମାନଙ୍କ ପାଇଁ ଅଶୁଭ ବୋଲି ପ୍ରମାଣ ହୋଇପାରେ । ଦେଓଗରର ପ୍ରସିଦ୍ଧ ଜ୍ୟୋତିଷ ପଣ୍ଡିତ ନନ୍ଦକିଶୋର ମୁଗଦଲ କହିଛନ୍ତି ଯେ ଏପ୍ରିଲ ୪ରେ ସୂର୍ଯ୍ୟ ମୀନ ଠାରୁ ମେଷକୁ ଚାଲିଆସିଛନ୍ତି । ଏଭଳି ପରିସ୍ଥିତିରେ ଗୁରୁ ଚଣ୍ଡାଳ ଯୋଗର ଆରମ୍ଭ ସହିତ ଅନେକ ରାଶିର ଚିହ୍ନ ଉପରେ ପ୍ରଭାବ ପଡ଼ିବାକୁ ଯାଉଛି । କିନ୍ତୁ ଏହା ୪ ଟି ରାଶି ଉପରେ ସମସ୍ୟା ସୃଷ୍ଟି କରିବ ।

ମେଷ : ଗୁରୁ ଚଣ୍ଡାଳ ଯୋଗ ଏହି ରାଶିର ଲୋକଙ୍କ ପାଇଁ ଅତ୍ୟନ୍ତ ଖରାପ ହେବ । ଶାରୀରିକ ଯନ୍ତ୍ରଣାକୁ ସାମ୍ନା କରିବାକୁ ପଡିପାରେ । ଆର୍ଥିକ କ୍ଷତି ମଧ ହୋଇପାରେ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପୁଜିପାରେ । ମନର ବିଭ୍ରାଟ ହେତୁ ଜଣକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।

ମିଥୁନ : ଏହି ରାଶିର ଲୋକଙ୍କ ପାଇଁ ଗୁରୁ ଚଣ୍ଡାଳ ଯୋଗ ଅତ୍ୟନ୍ତ ଅଶୁଭ ହେବ । ସେମାନଙ୍କ ପାଇଁ ଆର୍ଥିକ କ୍ଷତିର ସମ୍ଭାବନା ଅଛି । ଏହା ସହିତ, ଯେକୌଣସି ସ୍ଥାନରୁ ଅପ୍ରୀତିକର ଖବର ଆ ।ସି ପା ରେ । ଯେତେବେଳେ ବି ଆପଣ କୌଣସି କାମ କରୁଛନ୍ତି, ଧୈର୍ଯ୍ୟର ସହିତ କରନ୍ତୁ ।

ଧନୁ : ଏହି ରାଶିର ଲୋକଙ୍କ ପାଇଁ ଗୁରୁ ଚଣ୍ଡାଳ ଯୋଗ ଅଶୁଭ ହେବାକୁ ଯାଉଛି । ଗାଡି ଚଲାଇବା ସମୟରେ ଧନୁ ରାଶିର ଲୋକମାନେ ଯତ୍ନବାନ ହେବା ଉଚିତ୍ । ବ୍ୟବସାୟରେ କ୍ଷତି ହେବାର ସମ୍ଭାବନା ଅଛି । ଅଜ୍ଞାତ ଭୟ ଆପଣଙ୍କୁ ହଇରାଣ କରିପାରେ ।

କନ୍ୟା : ଏହି ଗୁରୁ ଚଣ୍ଡାଳ ଯୋଗ ଏହି ରାଶିର ଲୋକଙ୍କ ପାଇଁ ଅତ୍ୟନ୍ତ ଖରାପ ହେବ । ବାକି ଧାର ହୋଇ ପାରେ । ଆର୍ଥିକ କ୍ଷତିର ସମ୍ଭାବନା ଅଛି । ପାରିବାରିକ ସୁଖରେ ଅସୁବିଧା ହେବ । କାର୍ଯ୍ୟରେ ବାଧା ସୃଷ୍ଟି କରିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆଇନ ଅସ୍ତ୍ର...

ଅନେକ ସମୟରେ ରାଜ୍ୟ ବା ଦେଶରେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ଉପୁଜେ, ଯେତେବେଳେ କି ବିଦ୍ୟମାନ ଆଇନ କାନୁନ୍‌ଗୁଡ଼ିକ ଦନ୍ତହୀନ ମନେ ହୁଅନ୍ତି, ଅର୍ଥାତ୍ ସେହି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ଅସମର୍ଥ ବୋଲି ବିବେଚିତ ହୋଇଥାନ୍ତି । ଏଭଳି ପରିସ୍ଥିତିଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ବ୍ୟବସ୍ଥାପିକାଗୁଡ଼ିକ ରାଜ୍ୟ ବା ରାଷ୍ଟ୍ରକୁ ଅଧିକ କ୍ଷମତା ପ୍ରଦାନ କରିବା ଉଦ୍ଦେଶ୍ୟରେ କେତେକ ବିଶେଷ ଆଇନ ପାରିତ କରିଥାନ୍ତି । ରାଷ୍ଟ୍ରୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ), ୧୯୮୦ ଏମିତି ଏକ ଆଇନ, ଯାହାକୁ ପ୍ରଣୟନ କରାଯାଇଥିଲା ସେହିସବୁ ବ୍ୟକ୍ତିଙ୍କୁ କାରାଗାରରେ ଅଟକ ରଖିବା ପାଇଁ, ଯେଉଁମାନେ ଭାରତର ପ୍ରତିରକ୍ଷା ବ୍ୟବସ୍ଥା, ବିଦେଶୀ ଶକ୍ତିମାନଙ୍କ ସହିତ ସମ୍ପର୍କ, ରାଷ୍ଟ୍ରୀୟ ସୁରକ୍ଷା, ସର୍ବସାଧାରଣରେ ଶୃଙ୍ଖଳା ରକ୍ଷା ବା ଜନ ସମୁଦାୟଙ୍କ ପାଇଁ ଅତ୍ୟାବଶ୍ୟକ ଯୋଗାଣ ଓ ସେବାଗୁଡ଼ିକୁ ଅବ୍ୟାହତ ରଖିବା କ୍ଷେତ୍ରରେ ହାନିକାରକ ମନେ ହେଉଥିଲେ । ପରନ୍ତୁ, ସାମ୍ପ୍ରତିକ ସମୟରେ ଏହି ଆଇନର ରାଜନୀତିକ ଶକ୍ତିମାନଙ୍କ ଦ୍ୱାରା ଅପବ୍ୟବହାର ହେଉଥିବା ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଅନୁଭବ କରିଛନ୍ତି । ଚଳିତ ସପ୍ତାହରେ ଦେଶର ସର୍ବୋଚ୍ଚ ଅଦାଲତ ଭାରତର ପ୍ରତିରୋଧାତ୍ମକ ଅଟକ ରଖୁ ଆଇନଗୁଡ଼ିକର ଅପବ୍ୟବହାର ଉପରେ ଆଲୋକପାତ କରିଛନ୍ତି । ଗୋଟିଏ ମାମଲାରେ ସୁପ୍ରିମ୍‌କୋର୍ଟ ଅଯୌକ୍ତିକ ଭାବରେ ଏସ୍‌ଏସ୍‌ଏକୁ ରାଜନୀତିକ ଉଦ୍ଦେଶ୍ୟରେ ପ୍ରୟୋଗ କରା ଯାଇଥିବା ଦର୍ଶାଇ ଥିବା ବେଳେ ଅନ୍ୟ ଗୋଟିଏ ମାମଲାରେ (ପ୍ରମୋଦ ସିଙ୍ଗ୍ ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ- ୟୁଓ ଆଇ) କୋର୍ଟଙ୍କ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ ଅଟକ ରଖୁବା ଆଇନଗୁଡ଼ିକ ଉପନିବେଶବାଦୀ ଉତ୍ତରାଧିକାର ଯାହାର ଅପବ୍ୟବହାର କରାଯିବାର ସାମର୍ଥ୍ୟ ରହିଛି । ସମାଜବାଦୀ ପାର୍ଟିର ଜଣେ ବିଧାୟକଙ୍କ ବିରୋଧରେ ସରକାରୀ କର୍ମଚାରୀମାନଙ୍କୁ ଧମକ ଦେବା ଅଭିଯୋଗରେ ଉତ୍ତରପ୍ରଦେଶ ସରକାରଙ୍କ ନିଷ୍ପତ୍ତି-କଠୋର ଏନ୍‌ଏସ୍‌ଏ ପ୍ରୟୋଗ କରି ତାଙ୍କୁ ପ୍ରାୟ ବର୍ଷେ ହେବ ଅଟକ ରଖୁବା ମାମଲାରେ ସୁପ୍ରିମ୍‌କୋର୍ଟ 'ବିସ୍ମୟ' ପ୍ରକାଶ କରିବା ସହିତ ଉଲ୍ଲେଖ କରିଛନ୍ତି ଯେ ଏହା 'ସମ୍ପୂର୍ଣ୍ଣ ଭାବରେ ଭିତ୍ତିହୀନ' ଏବଂ ଏ ବାବଦରେ ଏଭଳି କଠୋର ପଦକ୍ଷେପ ନିଆଯିବା କର୍ତ୍ତୃପକ୍ଷମାନଙ୍କ ଦୁର୍ବଳ ମାନସିକତାର ଏକ ଉଦାହରଣ । ଅନ୍ୟ ଏକ ପୃଥକ୍ ମାମଲାରେ ଭାରତର ସର୍ବୋଚ୍ଚ ଅଦାଲତର ଦୁଇଜଣ ବିଜ୍ଞ ବିଚାରପତି ଜଣେ ବ୍ୟକ୍ତିଙ୍କ ବିରୋଧରେ ଜାରି ହୋଇଥିବା ଅଟକ ଆଦେଶକୁ ଖାରଜ କରି ଦେଇଛନ୍ତି, ଯାହାଙ୍କୁ ବିଦେଶ ବିନିମୟ ସଂରକ୍ଷଣ ଏବଂ ଚୋରା କାରବାର କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବଳରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଅଟକ ରଖୁଥିଲା । ତେବେ ଏ ଦୁଇଟିଯାକ ମାମଲାରେ ଗୋଟିଏ ସାଧାରଣ କଥା ପରିଲକ୍ଷିତ ହୋଇଥିବା ଅନୁଭବ କରିଛନ୍ତି ସୁପ୍ରିମ୍‌କୋର୍ଟ । ତାହା ହେଉଛି, ବିବ୍ରତ କରିଦେବା ଭଳି ସିଦ୍ଧାନ୍ତ ନିଆଯିବା । ଉଭୟ ଉଦାହରଣରେ କାର୍ଯ୍ୟପାଳିକାର ଅତ୍ୟଧିକ ଆତୁରତା ପ୍ରଦର୍ଶନ ଦ୍ୱାରା ନ୍ୟାୟିକ ହସ୍ତକ୍ଷେପ କରାଯାଇଛି ଯାହା ଔଚିତ୍ୟ ଭଳି ଏକ ଶବ୍ଦକୁ ଉଲ୍ଲଂଘନ କରିବାକୁ ପ୍ରସ୍ତୁତ ରହିଥିବା ଦେଖା ଯାଇଛି । ଏ ଦୁଇଟିଯାକ କ୍ଷେତ୍ରରେ ଯେଉଁ 'ଅସ୍ତ୍ର' ପ୍ରୟୋଗ କରାଯାଇଛି, ତାହା ପ୍ରତିରୋଧମୂଳକ ଅଟକ ସମ୍ପର୍କିତ ଆଇନ । ଏହି ଅସ୍ତ୍ର ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ କରାଯାଇଥିବା ଏକ ଉପନିବେଶବାଦୀ ସାଧନ ବୋଲି ଯାହା ସୁପ୍ରିମ୍‌କୋର୍ଟ କହିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ । ବସ୍ତୁତଃ, ଅନେକଗୁଡ଼ିଏ ଉଦାହରଣରେ ଏଭଳି ନିୟମଗୁଡ଼ିକର ବ୍ୟାପକ ପ୍ରୟୋଗ ସାମୁହିକ ସ୍ୱାଧୀନତାକୁ ସ୍ଥାଣୁ କରିଦେବା ନିମନ୍ତେ ରାଜ୍ୟ ବା ରାଷ୍ଟ୍ରର ଉଦ୍ଦେଶ୍ୟକୁ ପ୍ରତିଫଳିତ କରିଥାଏ । ଏକ ଉତ୍ତର-ଉପନିବେଶବାଦୀ, ଗଣତାନ୍ତ୍ରିକ ରାଜନୀତିରେ ଆସ୍ଥା ରଖୁଥିବା ବ୍ୟବସ୍ଥା ଏଭଳି ଆଇନଗୁଡ଼ିକୁ ଅକାମୀ ନ କରିବା ଏସବୁର ଖଳ ଉଦ୍ଦେଶ୍ୟ ରଖି ନିରନ୍ତର ଭାବରେ ବଜାୟ ରଖିବାକୁ ସୂଚାଇ ଥାଏ । ପ୍ରତିରୋଧାତ୍ମମୂଳକ ଅଟକ ରଖିବା ସମ୍ପର୍କିତ ଆଇନଗୁଡ଼ିକ ଅପବ୍ୟବହାର ପ୍ରତି ଅନୁକୂଳ ମନୋଭାବ ପ୍ରଦର୍ଶନ କରିବା ବସ୍ତୁତଃ ତଥ୍ୟ ଦ୍ୱାରା ମଧ୍ୟ ସମର୍ଥିତ । ରାଷ୍ଟ୍ରୀୟ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଏନ୍‌ସିଆରବି)ର ତଥ୍ୟ ଅନୁସାରେ, ୨୦୨୧ରେ ପ୍ରତିରୋଧମୂଳକ ଅଟକ ରଖାଯିବା କ୍ଷେତ୍ରରେ ଦେଶରେ ୨୩.୭ ପ୍ରତିଶତ ବୃଦ୍ଧି ଦେଖା ଯାଇଥିଲା ; ଏସ୍‌ଏସ୍‌ଏ ବଳରେ ପ୍ରତିରୋଧମୂଳକ ଅଟକ ରଖାଯିବା କ୍ଷେତ୍ରରେ ମଧ୍ୟ ଊର୍ଦ୍ଧ୍ୱଗତି ପ୍ରକାଶ ପାଇଥିଲା ଏବଂ ୨୦୨୦ରେ ଏହା ଶିଖର ଦେଶ ଛୁଇଁଥିଲା; ସେମାନଙ୍କର ନିଜସ୍ୱ ଅଟକ ରଖୁ ଆଇନ ପ୍ରଚଳନ କରୁଥିବା ରାଜ୍ୟମାନେ ସେଗୁଡ଼ିକର ପ୍ରୟୋଗ କ୍ଷେତ୍ରରେ ବେଶ୍ ନିଷ୍ଠୁରତା ଅବଲମ୍ବନ କରିଥିବା ଜଣାପଡ଼ିଛି । ସବୁଠୁ ବେଶୀ ଚିନ୍ତାଜନକ ହେଉଛି- ଅଟକ ରଖୁବା ସମ୍ପର୍କିତ ଆଇନଗୁଡ଼ିକର ବ୍ୟାପକ ଏବଂ ମନମୁଖୀ ପ୍ରୟୋଗ ବିଚାରବନ୍ତ ଭାବରେ ଏବଂ ବିରଳ ଘଟଣାଗୁଡ଼ିକ ପରିପ୍ରେକ୍ଷୀରେ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଥିବା ବେଳେ ପ୍ରଶାସନ କ୍ଷେତ୍ରରେ କିନ୍ତୁ ଏହାର ପ୍ରୟୋଗ ନେଇ ଅସଂଖ୍ୟ ପଦ୍ଧତିଗତ ଅସଙ୍ଗତି ରହିଥିବା ଦେଖିବାକୁ ମିଳିଛି । ଏହି ସମସ୍ୟାର ମୂଳ କାରଣ ହେଉଛି, ଉଦ୍ଦେଶ୍ୟ ଏବଂ ଆଇନଗୁଡ଼ିକର ଶବ୍ଦାବଳୀ, ଯାହା ଏକ ବ୍ୟାପକ ଅଧ୍ୟୟନର ଅପେକ୍ଷା ରଖେ ଯେ କେଉଁ ପରିସ୍ଥିତିରେ ସାମ୍ବିଧାନିକ ଅଧିକାରଗୁଡ଼ିକୁ ଦମନ କରାଯାଇ ପାରିବ । ୧୯୫୦ ମସିହାଠାରୁ ଏଭଳି ଘଟଣାମାନ ଘଟି ଆସୁଛି । ଏହାର ଏକ ଉଦାହରଣ ହେଉଛି ୨୦୨୧ର ଆଇଟି ନିୟମ ଏବଂ ଏହାର ସଂଶୋଧନ ଯାହା ସରକାରୀ ଭାବରେ ' ଅନୁକୂଳ ହୋଇ ନଥିବା' ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରି ପାରିବ । ତେଣୁ ବେଳେବେଳେ ଏକ ତ୍ରୁଟିଯୁକ୍ତ ଅସ୍ତ୍ରର ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଏହାର ଉଚ୍ଛେଦ କରାଯିବା ହିଁ ସର୍ବୋତ୍କୃଷ୍ଟ ଉପାୟ ଭାବରେ ବିବେଚନା କରାଯାଇଥାଏ ।

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଂଚିବି...

**ପଂକଜ କୁମାର ପାଣିଗ୍ରାହୀ**



ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେଉଁସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡିକୁ ବିକୃତ, ବିଭତ୍ସ କରି ଅମାନୁଷିକ ସ୍ୱାର୍ଥନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡିକୁ ସମୀକ୍ଷା କରିବା ମଣିଷ କ୍ଷୀଣ । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମନ୍ତବ୍ୟ ପ୍ରଚାର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ୱର ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ । ପ୍ରମାଣପତ୍ର ଶୂନ୍ୟ ଅନ୍ତର୍ଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନଜ୍ଞାନ ଦେଇ ଯାଇଛନ୍ତି ସେଗୁଡିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ ରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଡକୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍‌ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚାରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ । ଅର୍ଥାତ ଧନ କାହାକୁ କୁହାଯାଏ ବିଚାର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ । ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟନ୍ତ ଉପାଦେୟ ହୋଇଥାଏ । ଏହାର ତାତ୍ୱିକ ନିର୍ଦ୍ଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସନ୍ତୁଳନର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣନ୍ତି । ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ । ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭତ୍ସ, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚାଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟଞ୍ଜନ ପ୍ରଦାନ ପୂର୍ବକ ପୂଜା!! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚାର କରିବା । ସେମାନଙ୍କ ପ୍ରଚାର, ପ୍ରସାର ଜନିତ ସାମାଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...

ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ । ଅଧିକନ୍ତୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ । ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥା'ନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥା'ନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥା'ନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିର୍ଦ୍ଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ ଫଳ ପ୍ରାପ୍ତିର କୌଣସି ନିର୍ଦ୍ଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କି'ନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥା'ନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚାଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଃଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି!

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚାଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ଥ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭

# ଜଣେ ହୃଦରୋଗୀ ବିଶେଷଜ୍ଞ ପାଇଁ କେତେଦିନ ଅପେକ୍ଷା କରିବାକୁ ପଡ଼ିବ ?

**ସୁବ୍ରତ କର**



ଖୁସିର କଥା ବାଲେଶ୍ୱର ମେଡିକାଲ କଲେଜରୁ ୯୮ ଜଣ ଡାକ୍ତରୀ ଡିଗ୍ରୀ ହାସଲ କରି ଜନସାଧାରଣଙ୍କ ସେବା ପାଇଁ ପ୍ରସ୍ତୁତ । କିନ୍ତୁ ଦୁଃଖର କଥା ବହୁତ ଲଢ଼ିଲା ପରେ ମଧ ଏବଂ ଜଣେ ଅତି ରାଜ୍ୟର ଉଚ୍ଚ ସ୍ତରର ନେତାଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ବାଲେଶ୍ୱର ମେଡିକାଲ କଲେଝଖୁ ଅଣଦେଖା କରାହେଉଛି ଏବଂ ଏହାର ଜଳନ୍ତ ଉଦାହରଣ ହେଉଛି ହୃଦ୍‌ରୋଗୀ ବିଶେଷଜ୍ଞ । ବାଲେଶ୍ୱରରେ ଥିବା ଯେକୌଣସି ହୃଦ୍‌ରୋଗୀ ଭଗବାନଙ୍କ ଭରସାରେ ବଂଚିଛି । ଆମେ ଜାଣିଛୁ ଦୁଇଟି ରୋଗ ଆମକୁ ସମୟ ଦିଏନାହିଁ । ଗୋଟାଏ ହେଲା ହୃଦ୍‌ରୋଗ ଏବଂ ଆରଟି ହେଲା ବ୍ରେନ୍ ଷ୍ଟ୍ରୋକ୍ । କଟକ, ଭୁବନେଶ୍ୱର ପହଂଚିଲାବେଳକୁ ବାଟରେ ଈଶ୍ୱରଙ୍କ ପାଖରେ ପହଂଚିଯାଏ । କେତେଦିନ ଏମିତି ସରକାରଙ୍କ ଦୟାରେ ବାଲେଶ୍ୱରବାସୀ ବଂଚିବେ? ଭୋଟ ବେଳେ ପ୍ରତିଶ୍ରୁତି ବହୁତ କିନ୍ତୁ ନେତାମାନେ ଇଚ୍ଛାକରି ଭୁଲି ଯାଆନ୍ତି କାରଣ ସେମାନେ ସଦାବେଳେ ନିଜର କ୍ଷମତାକୁ ମାପି କଥା ହୋଇ ନଥାଆନ୍ତି । ପୁଣି ଭୋଟ ଆସୁଛି ଏବଂ ଏହି ନେତାମାନଙ୍କ ପାଖରୁ କେତେ ପ୍ରତିଶ୍ରୁତି ଆସିବ କିନ୍ତୁ ଗୋଟାଏ ହେଲେ ବି କାର୍ଯ୍ୟକାରୀ କରିବା ପାଇଁ ସମର୍ଥ ଦେଖାଇ ପାରନ୍ତି ନାହିଁ । ଏବେ ମୁଁ ଆପଣମାନଙ୍କ ପାଖରେ ଥୋଇବି କେଉଁ ମେଡିକାଲ କଲେଜରେ କେତେଜଣ ଲେଖାଏ ହୃଦ୍‌ରୋଗ ବିଶେଷଜ୍ଞ ଅଛନ୍ତି । ପ୍ରଥମେ ନେବା କଟକ ବଡ଼ ମେଡିକାଲ କଲେଜ ଯେଉଁଠାରେ ୨ଜଣ ପ୍ରଫେସର, ୪ଜଣ ଏସୋସିଏଟ ପ୍ରଫେସରର ଅଛନ୍ତି ଏବଂ ୩ଜଣ ଏସିଷ୍ଟାଣ୍ଟ ପ୍ରଫେସର କାର୍ଯ୍ୟରତ । ଏହାପରେ ବ୍ରହ୍ମପୁରରେ ଦୁଇଜଣ ପ୍ରଫେସର (କିନ୍ତୁ ଗୋଟାଏ ମଞ୍ଜୁରୀ ପ୍ରାପ୍ତ) ବୁର୍ଲାଠାରେ ଜଣେ ପ୍ରଫେସର ଏବଂ ଆଉ ଗୋଟାଏ ଏସୋସିଏଟ ପ୍ରପେସର ପୋଷ୍ଟ ଖାଲି ପଡ଼ିଛି । କିନ୍ତୁ ବାରିପଦା ମେଡିକାଲ କଲେଜଠାରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ ଅଛନ୍ତି । ଆମ କଲେଜ ପାଇଁ ସ୍ୱାସ୍ଥ୍ୟ ବିଭାଗ ସିଧାସଳଖ କହିଛନ୍ତି ଡେପୁଟେସନରେ ବିଶେଷଜ୍ଞଙ୍କ ପଠାଇବା ସମ୍ଭବ ନୁହେଁ କିନ୍ତୁ ବାଲେଶ୍ୱରବାସୀଙ୍କୁ ବହୁତ ଦୟା ଦେଖାଇ ସ୍ୱାସ୍ଥ୍ୟ ବିଭାଗ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ସପ୍ତାହରେ ଗୋଟାଏ ଦିନ ପଠାଇବାକୁ ବିଚାର ବିମର୍ଷ ଚାଲିଛି । ମୁଁ ଭାବୁଛି ଏହି ବିଚାର ବିମର୍ଷ କଥାଟି ଉଠୁଛି ଏଇଥିପାଇଁ ଯେ ଯେଉଁ ରାଜ୍ୟର ବଡ଼ ନେତା ଜଣଙ୍କ ଗତ ବାଇ ଇଲେକ୍ସନ୍‌ରେ ପ୍ରତିଶ୍ରୁତି ଦେଇଥିଲେ ହୁଏତ ତାଙ୍କର ମନେ ପଡ଼ିଯାଇଛି । କାରଣ ଆଉ କିଛିଦିନ ପରେ ସେହି ନେତା ଜଣକ ବାଲେଶ୍ୱରକୁ ପ୍ରଚାରରେର ଆସିବା ବେଳେ କାଳେ ପ୍ରତିଶ୍ରୁତି ନ ରଖିଥିବାର ଉତରରୁ ନିଜକୁ ବଂଚାଇବା ପାଇଁ । ମୁଁ ସରକାରଙ୍କୁ ଏବଂ ତାଙ୍କ ପାଖରେ ଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଦୟାକରି ଲୋକଙ୍କୁ ଭୂଆଁ ନ ବୋଲେଇ ହୃଦ୍‌ରୋଗ ବିଶେଷଜ୍ଞ କେମିତି ବାହାରି ପାରିବେ ଏବଂ ମେଡିକାଲ କଲେଜ ମାନଙ୍କୁ ଯୋଗାଇ ପାରିବେ ତାହା ଉପରେ ବିଶେଷ ଭାବରେ ଧ୍ୟାନ ଦେଲେ ଭଲ ହୁଅନ୍ତା ।






## ରାତି

**କିଶୋର ମହାନ୍ତି**

ରାତି
କେତେ ଅଛି ବାକି ?
ସରିନି ଏଯାଏ
ଅଧା ପଢ଼ା ହେଇ ରହି
ଯାଇଛି
ଉର୍ବଶୀର ଚିଠି ।
ଜୁଡୁ ବୁଡୁ ଅଂଧାରଟାରେ
ମୁହଁ ସବୁ ଅଲଗା ଅଲଗା
ଘୁରି ବୁଲୁଛି କି ଅଂଧାରର
ଆଖି...
କିଛି ନିଶା
କିଛି ତୃଷ୍ଣା
ନିଶା ଏକ ନଦୀ
ପ୍ରଗଳ୍ଭ ତା ଗତି
ନିରବଧି ଅନ୍ୱେଷା
ରାତି କେତେ ଅଛି ବାକି ?
ଓଠର ଶୋଷ
ସରେ ଭୋକ
ସବୁ ଯେମିତି ଅମୀମାଂସିତ ଭଗ୍ନାଂଶ
ସ୍ୱପ୍ନ ପରାହତ
ଦୃଶ୍ୟରୁ ଅଦୃଶ୍ୟ
ବଡ଼ ବିଚିତ୍ର
ଉପରେ ଆକାଶରେ
ନିଶାସକ୍ତ ରାଜତ୍ୱ
ମୁରୁକି ହସୁଛି
ରାତି କେତେ ଅଛି
ବାକି... ?

+ କଟକ
ମୋ: ୯୪୩୭୭୨୮୪୭୫

## ଜମାନବନ୍ଦୀ

**ନୂତନ କୁମାର ବେହେରା**



ହେ ଈଶ୍ୱର ! ତୁମେ ପରଂବ୍ରହ୍ମ ସୃଷ୍ଟିର ରଚୟିତା
ବ୍ରହ୍ମାଣ୍ଡର ଶୀର୍ଷତମ ନ୍ୟାୟାଳୟେ ତୁମେ ନ୍ୟାୟାଧୀଶ
ତୁମ ଧର୍ମର ଅଦାଲତରେ ମୁଁ ଅଭିଯୁକ୍ତ ବନ୍ଦୀ

ଜାଣେନା ମୁଁ ମୋର ଦୋଷ ଦୁର୍ବଳତା କି ଅପରାଧ
ତୁମରି ଦୟା କରୁଣାରେ ପାଇଛି ମଣିଷ ଜନମ
ଦେଇଛ ମନରେ ଯେଉଁ ବୁଦ୍ଧି ବିବେକ ଜ୍ଞାନ
ସେଇ ଅନୁଯାୟୀ ତ କରୁଛି ମୋର ଯେତେ କରମ
କେହି ନ ଜାଣିଲେ ବି ସବୁ ତୁମେ ଜାଣୁଛ
ମୋ ପ୍ରାଣର ପ୍ରତିଟି ସ୍ପନ୍ଦନରେ ଅଛ ତୁମେ
ପ୍ରତି ନିଶ୍ୱାସ ପ୍ରଶ୍ୱାସ ମଧ୍ୟ ତୁମେ ହିଁ ଅଛ

ମୁଁ ଯା' ଭାବୁଛି ମୋ ଭାବ ଭାବନାରେ
ଆସେ ଯେତେ ମୋ ମନରେ ଆଶା ଆକାଂକ୍ଷା
ପାଇବାକୁ କରେ ସବୁ ଶୁଭକାମନା
ପୂର୍ଣ୍ଣ କରିବାକୁ ପାର୍ଥିବ ଜୀବନର ବାସନା
କରି ଚାଲେ ମୁଁ ମୋ ପାରୁ ପର୍ଯ୍ୟନ୍ତ ଶ୍ରମ ସାଧନା
ତଥାପି ଭୋଗୁଛି କାହିଁକି ଏତେ ଯନ୍ତ୍ରଣା

ନିରପେକ୍ଷ ସୁବିଚାର ପାଇଁ ଦିଏ ଜମାନବନ୍ଦୀ
ଏ ସାରା ସଂସାରରେ ପ୍ରତି ମୁହୂର୍ତ୍ତରେ ମୋତେ
କିଏ କରେ ବିଶ୍ୱାସ କିଏ କରେ ପରିହାସ
ହୁଏ ମୁଁ ହାତଶ ବିବଶ ପାଏ ନାହିଁ ଆତ୍ମସନ୍ତୋଷ
ମୋ ପରିବେଶ ପରିସ୍ଥିତିରେ ପାଇଲେ ସଫଳତା
ଆପଣାର ଲୋକ କରନ୍ତି କାହିଁକି ଏତେ ଈର୍ଷା
ବିଫଳ ହେଲେ ପୁଣି କରନ୍ତି ବିଦ୍ରୁପ
ଯଦିଓ ସଫଳତା ବିଫଳତା ଜୀବନର ଦୁଇ ଧାର
ପ୍ରତି କଥା ପ୍ରତି କାମରେ ରଖନ୍ତି ନଜର

ମଣିଷ ମଣିଷକୁ ହିଁ କରୁଛ ସନ୍ଦେହ ଅବିଶ୍ୱାସ
ପରସ୍ପର ମଧ୍ୟରେ ଲାଗି ରହେ କନ୍ଦଳ
ନାହିଁ ଶାନ୍ତି କି ତୃପ୍ତି ଖାଲି ଗଣ୍ଡଗୋଳର କୋଳାହଳ
ଆତ୍ମୀୟତାରେ ନାହିଁ କାହାର ଆନ୍ତରିକତା
ସଂପର୍କ ମଧୁର ବନ୍ଧନ ପାଲଟି ଯାଏ ନାଗଫାସ
ମଣିଷର ବିଶ୍ୱାସ ବଦଳି ଯାଇ ହୁଏ ହଳାହଳ ବିଷ

କେହି କାହାକୁ କରୁନାହିଁ ବିନା ସ୍ୱାର୍ଥରେ ଭରସା
ନିନ୍ଦା ଅପବାଦ ଅପମାନ ଦେବାର ରୁକ୍ଷ କର୍କଶ ଭାଷା
ଦୁଃଖ ଯେତେ ପାଏ ମଣିଷ ଜୀବନ କାଳରେ
ସେ ସବୁ ଶହେରୁ ଅନେଶତ ମଣିଷ କୃତ
ଛନ୍ଦ ମନ୍ଦ କୁଟ କପଟ ଚାଲେ ଏଠି ସର୍ବଦା

କୌଣସି ପ୍ରକାର ତା ସ୍ୱଭାବରୁ ହେଉନି ନିବୃତ୍ତ

ମନକୁ ଆସେ ମୋର ଏକ ପ୍ରଶ୍ନ ବାରମ୍ବାର
ତୁମେ ତ ସବୁ ମଣିଷଙ୍କର ସ୍ରଷ୍ଟା ଦ୍ରଷ୍ଟା ଜନ୍ମଦାତା
ସବୁ ଜୀବର ଜୀବନ ତୁମେ ହେ ପରମପିତା
ତେବେ କାହିଁକି ରହୁଛି ଏତେ ବିଷମତା
ଜଣେ ହୁଏ ସାଧୁ ଆଉ ଜଣେ ହୁଏ ଅପରାଧୀ

ତୁମେ ତ ଦେଇଛ ଜନ୍ମ କର୍ମ ସବୁ କିଛି
ସବୁରି ମନରେ ପ୍ରାଣରେ ତୁମେ ନଦେଲେ କାହିଁକି
ଏକ ପ୍ରକାର ଗୁଣ ସ୍ୱଭାବ ଚରିତ୍ରର ଭାବନା
ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଏକ ଖାଦ୍ୟ ଏକ ପ୍ରକାର
ପ୍ରକୃତିକୁ ଜ୍ଞାନ ଆହରଣ କରନ୍ତି ବି ଏକ

ତେବେ ଏତେ ଅସାମଞ୍ଜସ୍ୟ ବିଭିନ୍ନତା କାହିଁକି
ହେ ଈଶ୍ୱର ! ତୁମକୁ ଦେଉଛି ମୋର ଏଇ ଜମାନବନ୍ଦୀ
ତୁମେ ସୁବିଚାରକ ନ୍ୟାୟ ବିଚାର କରୁଛ କରିବ
ମିଛ ମାୟାରେ ଏ ଜଗତକୁ ରଖନା ଛନ୍ଦି
କେବେ ଆଖିରୁ କାହାର ଲୁହ ନ ଝରୁ କାନ୍ଦି କାନ୍ଦି ।

ବାରିପଦା,ମୟୂରଭଞ୍ଜ ।
ମୋ.ନଂ.--୮୦୧୮୩୫୩୩୨୨

# ଅନନ୍ୟା

**ବିଷ୍ଣୁ ପ୍ରସାଦ ଦାସ**



କାନ୍ଥ ଘଣ୍ଟାର ଠନ୍ ଠନ୍ ଶବ୍ଦରେ ଅନନ୍ୟା ପ୍ରକୃତିସ୍ଥ ହୋଇଉଠିଲା, ରାତି ତିନିଟା ବାଜିବାର ସୂଚନା; କିନ୍ତୁ ଯେତେ ଚେଷ୍ଟା କଲେବି ଅନନ୍ୟା ଶୋଇ ପାରୁନାହିଁ। ଗତକାଲି ବିଳୟରେ ଅଫିସରୁ ଫେରି ନିତ୍ୟକର୍ମ ସାରି ବିଛଣାରେ ନିଜ ଅବଶ ଶରୀରକୁ ଟିକେ ବିଶ୍ରାମ ଦେବାର ଉପକ୍ରମ ବିଫଳ ହୋଇଛି। ନିଦ୍ରାଦେବୀ ଆଜି କାହିଁକି ତା'ଉପରେ କୋପ କରିଛନ୍ତି ? ବାତାନୁକୂଳିତ କୋଠରୀ ଭିତରେ କିଛି ଭାବୁ ଭାବୁ ଟିକେ ଛାଇ ନିଦ ଲାଗିଯାଇଥିଲା ଅନନ୍ୟାକୁ। ହଠାତ୍ କାହିଁକି ଅନନ୍ୟାର ନିଦ ଭାଙ୍ଗିଗଲା ଓ ଅବଶ ଶରୀରକୁ ଟିକେ ଏପଟ ସେପଟ କରି ସେ ଭାବିଚାଲୁଥିଲା ଅତୀତକୁ, ମନ ତା'ର ଦୌଡୁଥିଲା ପଛକୁ ପଛକୁ। ମଝିରେ ମଝିରେ ଏପରି ସ୍ଥିତି ତା' ପାଇଁ କିଛି ନୂଆ କଥା ନୁହେଁ, କିନ୍ତୁ ସବୁ ଭୁଲିଯାଇ ଅନନ୍ୟା ନିଜକୁ କାର୍ଯ୍ୟ ଭିତରେ ହଜାଇ ଦେଇଥାଏ। ସମାୟାନୁବର୍ତିତା, କର୍ତ୍ତବ୍ୟ ପରାୟଣ, ନିଷ୍ଠା ତଥା ଚରିତ୍ରବାନ ମହିଳା ହିସାବରେ ତା'କୁ କାର୍ଯ୍ୟାଳୟରେ ସମସ୍ତେ ସମ୍ମାନ ଦିଅନ୍ତି। ଆଜି କ'ଣ ପାଇଁ ଅନନ୍ୟା ଟିକେ ଶାନ୍ତିରେ ଶୋଇ ପାରୁନାହିଁ ? ତା'ର ଅତୀତ, ତା'ର ବର୍ତ୍ତମାନ ଓ ତା'ର ଭବିଷ୍ୟତକୁ ନେଇ ଅନନ୍ୟାର ମସ୍ତିଷ୍କ ଭିତରେ ଜୀବନ୍ତ ଆଗ୍ନେୟଗିରି ପରି ଅଗ୍ନିଉଦ୍ଗିରଣ ହୋଇଚାଲିଛି । ଆଜି ସମାଜରେ ସେ ଏକ ପ୍ରତିଷ୍ଠିତଓ ନାରୀ, ତା'ର ଉଦାହରଣ ଅନେକେ ଦିଅନ୍ତି। ନୂଆଦିଲ୍ଲୀର ଏକ ପ୍ରତିଷ୍ଠିତ ଟେଲିଭିଜନ୍ ସଂସ୍ଥାର ସେ ଜଣେ ସଂଚାଳିକା, ସମାଜସେବୀ ତଥା ଶିଶୁ ଶ୍ରମିକ ଓ ଶିଶୁ ନିର୍ଯାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ବିଦୂଷୀ ମହିଳା। ଅନେକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଅନନ୍ୟାର ଭଲ ସଂପର୍କ ଅଛି। ଅନନ୍ୟା ସବୁ ପାଇ ବି ସେଇ ପୁରୁଣା ଦିନର ସ୍ମୃତିକୁ ଯେତେ ରୋମନ୍ଥନ କରୁଛି ସେତେ ଅନୁତପ୍ତ ହେଉଛି, ସେତିକି ଦୁଃଖ ପାଉଛି । ଦୁଃଖ କ'ଣ ତା'ର ଚିର ଦିନର ସାଥି ? ଦୁଃଖ କ'ଣ ତା'କୁ ଛାଡିବାକୁ ନାରାଜ ? ଏମିତି କେତେ ପ୍ରଶ୍ନ ଭିତରେ କାନ୍ଥ ଘଣ୍ଟା ଚାରିଟା ବାଜିବାର ସୂଚନା ଦେଲା। ସମୟ କାହାକୁ ଅପେକ୍ଷା କରେନାହିଁ, ସେ ତା' ବାଟରେ ଚାଲୁଥାଏ। ନା' ଆଉ ନିଦ ହେବନାହିଁ। କାଲି ପୁଣି ସକାଳ ଛଅଟାରେ ଉଠିବାକୁ ହେବ। ମୋବାଇଲ ଫୋନରେ ଆଲାର୍ମ ଦିଆ ହୋଇଛି।

ଏହା ଭିତରେ କେତେବେଳେ ଛଅଟା ବାଜିଗଲାଣି ଅନନ୍ୟା ଜାଣି ପାରିନଥିଲା, ମୋବାଇଲ ଫୋନ ଆଲାର୍ମ ଶବ୍ଦରେ ତରତର ହୋଇ ଉଠିପଡିଥିଲା ଅନନ୍ୟା। ନିତ୍ୟକର୍ମ ସାରି ସାତଟା ଭିତରେ ଅଫିସ୍ ବାହାରିବାକୁ ପଡିବ ଅନନ୍ୟାକୁ ଓ ଆଜି ତା' ଜୀବନର ଏକ ପରୀକ୍ଷା ଜାଣେନା ସେ କୃତକାର୍ଯ୍ୟ ହୋଇପାରିବ କି ନା ? ତେବେ ଅନନ୍ୟାର ଇଛାଶକ୍ତି ତା'କୁ ଭିତରୁ ଶକ୍ତି ଯୋଗାଉଛି। ଆଉ ଡେରି ନ' କରି ଅନନ୍ୟା ଦୌଡ଼ି ଦୌଡ଼ି ବାଥରୁମରେ ପ୍ରବେଶ କଲା। ପ୍ରାୟ ଚାଳିଶ ମିନିଟ ପରେ ବାଥରୁମରୁ ବାହାରି ଛଅ ଫୁଟିଆ ଆଇନା ସାମ୍ନାରେ ଠିଆହୋଇ ପ୍ରସାଧନ କରୁ କରୁ ଅନନ୍ୟା ଆଜି ନିଜ ରୂପକୁ ଟିକେ ନିରିଖେଇ ଚାହିଁଲା, ଓଃ ସେ ନିଜକୁ ନିଜେ ଦେଖି ବିଶ୍ୱାସ କରିପାରୁ ନାହିଁ ଯେ, ସେ ଏତେ ସୁନ୍ଦରୀ । କେବେବି ଏପରି ଦର୍ପଣ ଆଗରେ ଛିଡ଼ାହୋଇ ନିଜକୁ ଏତେ ନିଖୁଣ ଭାବେ ଦେଖି ନ'ଥିଲା କାରଣ ଏଥିପାଇଁ ତା'ର ସମୟ ନ'ଥିଲା। ଆଜି ଦର୍ପଣରେ ନିଜ ଶରୀରର ପ୍ରତିଫଳନ ଦେଖି ସେ ଉଲ୍ଲସିତ ହୋଇ ଯାଉଥିଲା। ଭଗବାନଙ୍କୁ ସେଥିପାଇଁ ଅଶେଷ ଧନ୍ୟବାଦ ଜଣାଉଥିଲା। ଅଲମିରାରୁ ସେ ଏକ ହାଲକା ନୀଳ ରଙ୍ଗର ଶାଢି ସହିତ ମ୍ୟାଚକରା ବ୍ଲାଉଜ ଆଣି ନିଜକୁ ସଜାଇ ନେଲା। ଗଳାରେ ଏକ ମୋତିମାଳ, କାନରେ ଛୋଟ ଛୋଟ ମୋତି ଟପ୍ , ହାତରେ ମୋତିଚୁଡି ଦୁଇପଟ ପିନ୍ଧି ସାମାନ୍ୟ ପ୍ରସାଧନ ପ୍ରଲେପ ଦେଇ ନିଜକୁ ଆଉଥରେ ଦେଖିନେଲା। ଆଃ କି ସୁନ୍ଦର ତା'ର ଚେହେରା, ଯେ କେହି ଦେଖିଲେ ଘଡ଼ିଏ ରହିଯିବେ। ଏହି ସମୟରେ ଅଫିସ ଗାଡି ଆସି ଘର ସାମ୍ନାରେ ଲାଗିଲା, ଝରକା ବାଟେ ଅନନ୍ୟା ଦେଖିଲା ଡ୍ରାଇଭର ଗାଡି ପୋଛିବା ସହିତ କେଉଁ ଏକ ପୁରୁଣା ହିନ୍ଦୀ ଗୀତ ଗାଇ ଚାଲିଛି।

ଆଜି ଅନନ୍ୟାର ପରୀକ୍ଷା, ସେ ଆଜି ଭାରତର ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାର ନେବ। ସମୟ ଧାର୍ଯ୍ୟ ଟିକେ ଏପଟ ସେପଟ ହେଲେ ସବୁ ପରିଶ୍ରମ ବେକାର ହୋଇଯିବ। ନଅଟା ତିରିଶ ସୁଦ୍ଧା ଅନନ୍ୟାକୁ ତା'ର ଟିମ୍ ସହିତ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ପହଂଚିବାକୁ ହେବ। ତା' ପରେ ଔପଚାରିକ ନିୟମ ଭିତରେ ବିଭିନ୍ନ ଯାଞ୍ଚ ଦେଇ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଭିତରେ କିଛି ଯାନ୍ତ୍ରିକ ତଦାରଖ ଓ ଶେଷରେ ଦଶଟା ତିରିଶ ମିନିଟରୁ ଏଗାରଟା ପର୍ଯ୍ୟନ୍ତ ପ୍ରାୟ ତିରିଶ ମିନିଟର ଲାଇଭ ସାକ୍ଷାତକାର। ଅନନ୍ୟା ତର ତର ହୋଇ ଉଠିଲା ଓ ଶ୍ୟାଣ୍ଡେଲ୍‌ଟାକୁ ପିନ୍ଧି ବାହାରିବା ବେଳକୁ ଶୀଲା ମାଉସି ପାଉଁରୁଟି ଅଣ୍ଡା ଆଉ କିଛି ଫଳ ଆଣି ପହଞ୍ଚିଗଲେ, ସମୟର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି ଠିଆ ଠିଆ ଅନନ୍ୟା କିଛି ଖାଇ ଟିକେ କଫିର ମଜା ନେଇ ଅଫିସ କାର୍ ପାଖକୁ ଚାଲିଲା। ଯିବା ସମୟରେ ଶୀଲା ମାଉସିକୁ ଘର କାମ ବୁଝାଇ ଦେଇଥିଲା। ଶୀଲା ମାଉସି ଆଜିକୁ ଦଶ ବର୍ଷ ହେଲା ଅନନ୍ୟାର ଦେଖା ଶୁଣା କରେ ଠିକ ନିଜ ଝିଅପରି ଓ ଅନନ୍ୟାବି ଖୁବ ଭଲପାଏ ଶୀଲା ମାଉସିକୁ। ସତେ ଯେମିତି ଗତ ଜନ୍ମର ମା' ଝିଅର ସମ୍ପର୍କ ଗଢି ଉଠିଛି ଦୁଇଜଣଙ୍କ ମଧ୍ୟରେ। ଅନନ୍ୟା କାର୍ ପାଖରେ ପହଞ୍ଚିବା କ୍ଷଣି ଡ୍ରାଇଭର ପଛ କବାଟ ଖୋଲିଦେଲା, ତା' ପରେ ଗାଡି କ୍ଷିପ୍ର ଗତିରେ ଅଫିସ୍ ଆଡକୁ ମାଡିଚାଲିଲା। ଘରଠାରୁ ଅଫିସ୍ ପ୍ରାୟ ଚାଳିଶ ମିନିଟ ସମୟ ଲାଗେ। ଅନନ୍ୟା ଫାଇଲଟାକୁ କାଢି ଟିକେ ପଢିବାକୁ ଲାଗିଲା। ମାତ୍ର ତିରିଶ ମିନିଟର ସାକ୍ଷାତକାର ଭିତରେ ତାକୁ 'ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ଦ୍ରୁତ ଗତିରେ ବଢି ଚାଲିଥିବା ଶିଶୁ ଶ୍ରମିକ, ଶିଶୁଙ୍କୁ ଯୌନନିର୍ଯାତନା, ପାରିବାରିକ ହିଂସା ଓ ତା'ର ନିରାକରଣ ତଥା ଶିଶୁ ଶ୍ରମିକଙ୍କ ଥଇଥାନ, ସହିତ ଶିକ୍ଷା ଓ ଆତ୍ମନିର୍ଭରଶୀଳ ଯୋଜନା' ଆଜିର ବିଷୟବସ୍ତୁ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇ ସରକାରୀ ନିୟମ ତଥା ପ୍ରୋଟୋକଲକୁ ଧ୍ୟାନ ଦେବାକୁ ହେବ। ସରକାରୀ ନିୟମକୁ ପାଳନକରି ଅପ୍ରିୟ ସତ୍ୟକୁ ଖୁବ ଚତୁରତାର ସହ ଉପସ୍ଥାପନା କରି ସର୍ବସାଧାରଣଙ୍କ ନଜରରେ ଯେପରି 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ତାହାହିଁ କରିବାକୁ ନିର୍ଦ୍ଦେଶ ଅଛି। ମାନ୍ୟବର ପ୍ରଧାନମନ୍ତ୍ରୀ ମହୋଦୟ ତା'ଙ୍କର ବହୁମୂଲ୍ୟ ସମୟରୁ ତିରିଶ ମିନିଟ ଦେଇଥିବାରୁ ଅନ୍ତରରୁ ଧନ୍ୟବାଦ ଦେଇଥିଲା ।

ଗାଡି ଆସି ଅଫିସ୍ ସାମନାରେ ପହଞ୍ଚିଗଲା, ଅନନ୍ୟା ତର ତର ହୋଇ ଗାଡିରୁ ଓଲ୍‌ହାଇ ସିଧା ଲିଫ୍ଟ ଭିତରକୁ ପ୍ରବେଶ କଲା। ନିଜ ଅଫିସରେ ପହଂଚି ଆଉକିଛି ଫାଇଲ ଧରି ବାହାରିବା ବେଳକୁ ତା'ର ବସ୍ ନିଜ କ୍ୟାବିନରୁ ଉଠିଆସି ଅନନ୍ୟାକୁ ଶୁଭେଚ୍ଛା ଜଣାଇଲେ, 'ଅନନ୍ୟା ଆଜି ଆମ ଚ୍ୟାନେଲର ଟି:ଆର:ପି ତୁମ ହାତରେ । ତୁମର ଲାଇଭ ଟେଲିକାଷ୍ଟ ଆଜି ସାରା ଭାରତରେ ପ୍ରାସାରିତ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମ୍ମାନ ଆମ ଦେଶର ସମ୍ମାନ ତେଣୁ ଟିକେ ସାବଧାନତାର ଆବଶ୍ୟକତା ଅଛି ।

ହସି ହସି ଅନନ୍ୟା କହିଥିଲା ସାର ଆପଣ ଜମାରୁ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ତଥା ଦେଶର ସମ୍ମାନରେ ଆଞ୍ଚ୍ ଆସିବା ପରି କୌଣସି କାର୍ଯ୍ୟ କରିବି ନାହିଁ ।

ବସ୍‌ଙ୍କ ଉତ୍ତର ଥିଲା ଅନନ୍ୟା ତୁମପରି ଏକ ସହକର୍ମୀ ପାଇ ମୁଁ ଗର୍ବିତ, ଭଗବାନ ତୁମର ଇଛା ପୂରଣ କରନ୍ତୁ। ଅନନ୍ୟା ଟିକେ ହସିଦେଇ ଚାଲିଗଲା। ବସ୍ ତା'ର ଯିବା ବାଟକୁ ଚାହିଁ ରହିଥିଲେ। ନିର୍ଦ୍ଧାରିତ ସମୟରେ ଗାଡି ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଆଗରେ ପହଂଚିଲା, କାଗଜପତ୍ର ତନଖି, ସୁରକ୍ଷା ଯାଞ୍ଚ ପରେ ଅନନ୍ୟା ଏବଂ ତା'ର ସହଯୋଗୀ ମାନଙ୍କୁ ପ୍ରବେଶ ଅନୁମତି ପ୍ରାପ୍ତ ହେଲା । ଅଭ୍ୟର୍ଥନା ଗୃହରେ ସେମାନଙ୍କ ସହିତ ଜଣେ ସରକାରୀ ଅଫିସର ଆସି କିଛି ଆଲୋଚନା କରିବା ପରେ ସେମାନଙ୍କୁ ଭିତରକୁ ଯିବାକୁ ନିର୍ଦ୍ଦେଶ ମିଳିଲା। ଏକ ସୁସଜ୍ଜିତ କୋଠରୀରେ ସାକ୍ଷାତକାରର ବନ୍ଦୋବସ୍ତ ହୋଇଥିଲା ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଲାଗି ଏକ ସୁନ୍ଦର ଚୌକି ତାଙ୍କ ପଛପଟେ ସୁନ୍ଦର ଭାବେ ସଜା ହୋଇ ରହିଥିବା ଏକାଧିକ ଭାରତୀୟ ଜାତୀୟ ପତାକା ଏବଂ ଆଉ ଗୋଟିଏ ଚୌକି ଅନନ୍ୟା ପାଇଁ ପଡିଥିଲା। ଅନନ୍ୟା ନିଜର ଯାନ୍ତ୍ରିକ ସହଯୋଗୀଙ୍କୁ ସବୁ ପ୍ରକାର ଯନ୍ତ୍ରପାତି ଲଗାଇ ପ୍ରସ୍ତୁତ ହେବାକୁ କହିଲା, ସବୁ ଠିକ୍ ହେଲାପରେ କିଛି ସୁରକ୍ଷା କର୍ମୀ କୋଠରୀ ଟିକୁ ତନ୍ନ ତନ୍ନ କରି ଯାଞ୍ଚ କରି ଚାଲିଗଲେ। ବତାନୁକୂଳିତ କୋଠରୀ ମଧ୍ୟରେ ଅନନ୍ୟା ଝାଳରେ ଓଦା ହେବା ଅବସ୍ଥା, ଅନନ୍ୟା ନିଜକୁ ନିଜେ ସମ୍ଭାଳି ନେଉଛି କାରଣ ଏହା ତା' ଜୀବନରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। କାର୍ଯ୍ୟ କରୁଥିବା ଟି: ଭି ଚ୍ୟାନେଲର ଯେତେ ଭି:ଭି:ଆଇ:ପି ଙ୍କ ସାକ୍ଷାତକାର କେବଳ ମିସେସ୍ ସାନ୍ୟାଲ ନିଅନ୍ତି, ସେ ଖୁବ୍ ଦାମ୍ଭିକା ମହିଳା ଓ ତା'ଙ୍କର ଡର ଭୟ ନାହିଁ କିନ୍ତୁ ବିଧିର ବିଧାନ, ଦୁଇଦିନ ତଳେ ହଠାତ ମିସେସ୍ ସାନ୍ୟାଲ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ବସ୍ ଚିନ୍ତାରେ ପଡ଼ି ପୁରୁଖା ସହଯୋଗୀଙ୍କୁ ଡକାଇ ଆଲୋଚନା କଲେ ଯେ ମିସେସ୍ ସାନ୍ୟାଲ ତ' ହସ୍ପିଟାଲରେ ତେବେ ନିର୍ଦ୍ଧାରିତ ଦିନରେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାର କିଏ ନେବ ? କିଛି ଭୁଲ ହେଲେ ଚ୍ୟାନେଲର ସମ୍ମାନ ଉପରେ ଆଞ୍ଚ ଆସିବ। ସମସ୍ତେ ସମସ୍ତଙ୍କ ମୁହଁକୁ ଚାହୁଁଥିଲେ ବସ୍‌ଙ୍କ ନଜର ଅନନ୍ୟା ଉପରେ ପଡ଼ିଲା ସେ ତତ୍କ୍ଷଣାତ ହସିଉଠି କହିଲେ 'ଅନନ୍ୟା ତୁମେ ଏହି ଗୁରୁଦାୟିତ୍ୱ ବହନ କରିବ, ଅତିକମରେ ମିସେସ୍ ସାନ୍ୟାଲ ଯେପର୍ଯ୍ୟନ୍ତ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଇନାହାନ୍ତି' । ଅନନ୍ୟା ଏପରି କିଛି ଆଶା କରୁନଥିଲା ହଠାତ୍ ତା' ଉପରେ ଏତେ ବଡ଼ ଗୁରୁ ଦାୟିତ୍ୱ, ସାର୍ ମୁଁ କ'ଣ ଏହି ଗୁରୁଦାୟିତ୍ୱ ତୁଲାଇ ପାରିବି ?”

ବସ୍ କହିଲେ, ଠିକ୍ ପାରିବ, ତୁମ ନିଜ ଉପରେ ତୁମର କ'ଣ ଭରସା ନାହିଁ ? ତୁମେ ଉଚ୍ଚଶିକ୍ଷିତା, ସାମ୍ବାଦିକତାରେ ସ୍ନାତକୋତ୍ତର କରିଛ, ବିଶ୍ୱବିଦ୍ୟାଳୟର କୃତି ଛାତ୍ରୀ, ତୁମେ ଠିକ୍ ପାରିବ ଓ ନତ ମସ୍ତକ ହୋଇ ଅନନ୍ୟା ସେଦିନ ବସଙ୍କ କଥା ମାନି ନେଇଥିଲା। ବସ୍ ଏକ ଫାଇଲ ଦେଇ ଅନନ୍ୟାକୁ କହିଥିଲେ ଅନନ୍ୟା ଫାଇଲଟିକୁ ମନଦେଇ ପଢିବ, ଏଥିରେ ଯେଉଁ ବିଷୟ ଲେଖାଅଛି ସେଗୁଡିକ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାର ସମୟର ପ୍ରଶ୍ନ ଆଉ ଉତ୍ତର। ଅନନ୍ୟା ଫାଇଲ ଖୋଲି ବିଷୟବସ୍ତୁ ଦେଖି ଖୁବ ଖୁସି ହୋଇଥିଲା କାରଣ ଶିଶୁ ଶ୍ରମିକ ଓ ଶିଶୁ ନିର୍ଯାତନା ଉପରେ ବିଷୟବସ୍ତୁ ଥିଲା। ବିଶ୍ୱବିଦ୍ୟାଳୟରେ ଏହା ତା'ର ଏକ ପ୍ରିୟ ବିଷୟ ଥିଲା ଓ ସେ ହୃଦୟରୁ ଚାହୁଁଥିଲା ଯେ ପୃଥିବୀ ପୃଷ୍ଠରୁ କୋମଳମତି ଶିଶୁଙ୍କ ନିର୍ଯାତନାର ଅନ୍ତହେଉ। ସମସ୍ତଙ୍କୁ ଧନ୍ୟବାଦ ଦେଇ ଅନନ୍ୟା ସେଦିନ ନୂତନ କାର୍ଯ୍ୟଭାର ନେଇ ଘରକୁ ଫେରିଥିଲା।

ନିର୍ଦ୍ଧାରିତ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ କକ୍ଷରେ ପ୍ରବେଶ କଲେ। ସତେ ଯେମିତି ଅନନ୍ୟା ସ୍ୱପ୍ନ ଦେଖୁଛି ! ଏତେ ପାଖରୁ କେବେବି ପ୍ରଧାନମନ୍ତ୍ରୀଙ୍କୁ ସେ ଦେଖିନଥିଲା। ସ୍ୱଭାବ ସୁଲଭ ଢଙ୍ଗରେ ସମସ୍ତେ ଉଠି ପ୍ରଧାନମନ୍ତ୍ରୀ ମହୋଦୟଙ୍କୁ ସମ୍ମାନ



ଜଣାଇଲେ, ପ୍ରଧାନମନ୍ତ୍ରୀ ମହୋଦୟ ସ୍ମିତହାସ୍ୟ ଭିତରେ ଦୁଇମିନିଟ ଅନନ୍ୟା ସହ ଆଲୋଚନା ପରେ ଲାଇଭ ଟେଲିକାଷ୍ଟ ଆରମ୍ଭ ହୋଇଗଲା। ଖୁବ ସୁନ୍ଦର ଭାବେ ଅନନ୍ୟା ଉତ୍ଥାପନ କରୁଥିବା ପ୍ରଶ୍ନର ଉତ୍ତର ପ୍ରଧାନମନ୍ତ୍ରୀ ମହୋଦୟ ଦେଉଥିଲେ। ମଝିରେ ମଝିରେ ସେ ଏପରି ବ୍ୟଙ୍ଗ କରୁଥିଲେ କି ଯେ କେହି ନ ହସି ରହି ପାରିବେ ନାହିଁ। ଏହାହିଁ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱର ନିଦର୍ଶନ । ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା ଏବଂ ସେମାନଙ୍କ ଶିକ୍ଷା ତା' ପରେ ରୋଜଗାର ଏହିସବୁ ବିଷୟ ଏତେ ସୁନ୍ଦର ଭାବେ ବୁଝାଇ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ସରକାର ଏହି ସମସ୍ୟାର ସମାଧାନ କରିବାକୁ ବଦ୍ଧପରିକର, ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ା। ଆଉ କିଛି ପ୍ରଶ୍ନ ଏବଂ ଉତ୍ତର ତା' ପରେ ସମସ୍ତଙ୍କୁ ନମସ୍କାର କରି ପ୍ରଧାନମନ୍ତ୍ରୀ ମହୋଦୟ ଚାଲିଯାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାର ପରେ ଅନନ୍ୟାର ଡର ଭୟ ସବୁ ଅପସରି ଯାଇଥିଲା। ଅନନ୍ୟା ମନରେ ଅନେକ ସାହସ ଆଉ କିଛି କରିବାର ଇଚ୍ଛା ତା'କୁ ତା'ର ଲକ୍ଷ୍ୟସ୍ଥଳୀରେ ପହଞ୍ଚିବାକୁ ନିଶ୍ଚିତ ସହାୟ ହେବ। ଅନନ୍ୟା ଏବଂ ତା'ର ଟିମ୍ ଅଫିସକୁ ଫେରିଆସିଥିଲେ। ଅନନ୍ୟାକୁ ଦେଖି ତା'ର ବସ୍ ଅଭିନନ୍ଦନ ଜଣାଇ କର ମର୍ଦ୍ଦନ କରିଥିଲେ।

ବସ୍ କହିଥିଲେ, ଅନନ୍ୟା ତୁମର ସାକ୍ଷାତକାର ଖୁବ ସୁନ୍ଦର ଓ ଉଚ୍ଚକୋଟିର ଥିଲା, ଏଇ ଟିକେ ଆଗରୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଫୋନ ଆସିଥିଲା। ପ୍ରଧାନମନ୍ତ୍ରୀ ତୁମ ସହିତ ଆମ ଚ୍ୟାନେଲ ଉପରେ ବି ଖୁବ ଖୁସି ହୋଇଛନ୍ତି ।

ସାର୍ ଧନ୍ୟବାଦ, ମୁଁ କେବଳ ମୋ କର୍ତ୍ତବ୍ୟ କରିଛି ଏତିକି କହି ଟିକେ ହସିଦେଇ ଥିଲା ଅନନ୍ୟା। ନିଜକୁ ନିଜେ ବିଶ୍ୱାସ କରିପାରୁନଥିଲା ଅନନ୍ୟା, ଏତେ ଶକ୍ତି ଏତେ ଆତ୍ମବିଶ୍ୱାସ ତା' ପାଖରେ ଆସିଲା କେଉଁଠୁ ? ନିଶ୍ଚୟ ଏହା ଭଗବାନଙ୍କ ଆଶୀର୍ବାଦ ଛଡା ଆଉ କିଛି ନୁହେଁ। ସେଦିନ ଶାନ୍ତ ମନରେ ଅଫିସରୁ ଫେରି ଆସିଥିଲା। ଘରେ ପହଞ୍ଚି ଅନନ୍ୟା ଟିକେ ଫ୍ରେସ ହୋଇ ବିଶ୍ରାମ ନେବାକୁ ଚାଲିଗଲା। ନରମ ଗଦି ଉପରେ ପଡୁ ପଡୁ ଆଖି ଦୁଇଟି ସ୍ୱତ ପ୍ରବୃତ ବନ୍ଦ ହୋଇଗଲା। କିଛି ସମୟ ପରେ ମସ୍ତିଷ୍କ ଭିତରେ ପୁଣି ସେଇ ପୁରୁଣା ଦିନର ସ୍ମୃତି ଉଙ୍କି ମାରି ଚାଲିଲା। ଅବଚେତନ ମସ୍ତିଷ୍କ ଅନନ୍ୟାକୁ ତା'ର ଅତୀତ ଆଡକୁ ଟାଣିନେଲା। ତା'ର କଲେଜ ଜୀବନ, ତା'ର ପ୍ରେମ, ତା'ର ବିବାହ, ତା'ର ସନ୍ତାନ ଇତ୍ୟାଦି ଇତ୍ୟାଦି। କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ତା'ର ବିଜନ ରାୟ ସହିତ ଦେଖା ହୋଇଥିଲା । ସ୍ନାତକୋତ୍ତର ସାମ୍ବାଦିକତା ବିଭାଗର ଉପର ବ୍ୟାଚର ସେ ଖୁବ ଭଲ ଛାତ୍ର ଥିଲେ। ଦେଖା ସାକ୍ଷାତ ଧୀରେ ଧୀରେ ଅନ୍ତରଙ୍ଗତା ଓ ପରେ ଏହା ପ୍ରେମରେ ରୂପାନ୍ତରିତ ହୋଇଥିଲା। ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ନାନା ବାଧାବିଘ୍ନ ଭିତରେ ବିବାହ ବି ହୋଇଗଲା। ବିଜନ୍ ରାୟ ଏକ ପ୍ରତିଷ୍ଠିତ ସମ୍ବାଦପତ୍ର ଅଫିସରେ ଚାକିରୀ ପାଇଗଲେ। ଅନନ୍ୟା ମଧ କିଛି କରିବାକୁ ଚାହୁଁଥିଲା କିନ୍ତୁ ବିଜନଙ୍କ ବିରୋଧ ପାଇଁ ଅନନ୍ୟା ଏକ ଗୃହିଣୀ ପାଲଟି ଯାଇଥିଲା। ଏତେ ଶିକ୍ଷା ଏବଂ ପ୍ରତିଭା ଥାଇ ମଧ ତା'କୁ ବିଜନ କୌଣସି କାର୍ଯ୍ୟ କରିବାକୁ ଦେଉନଥିଲେ। ବେଳେବେଳେ ଅନନ୍ୟା ମାନସିକ ଭାରସାମ୍ୟ ହରାଇବା ଅବସ୍ଥାକୁ ଆସିଯାଉଥିଲା। ସେ ଏହିପରି ଭାବେ ଦୁଇଟି ବର୍ଷ ବିତାଇବା ପରେ କୋଳକୁ କୁନି ଝିଅଟିଏ ଆସି ଯାଇଥିଲା। ବିଜନର ଅନନ୍ୟା ପ୍ରତି ଅସହିଷ୍ଣୁ ଭାବ ଆହୁରି ବଢ଼ି ଚାଲିଥିଲା। ଦିନେ ସାହସ କରି ସେ ଏହାର ଉତ୍ତର ବିଜନକୁ ମାଗିଥିଲା, ବିଜନ ନିରବ ନିର୍ବିକାର । କିଛିଦିନ ପରେ ଜାଣିବାକୁ ପାଇଥିଲା ଯେ, ବିଜନ ଆଉଜଣେ ମହିଳାଙ୍କ ସହିତ ସମ୍ପର୍କ ରଖିଛନ୍ତି । ଏହି କାରଣରୁ ସେ ଅନନ୍ୟାକୁ ଉପେକ୍ଷା କରି ଚାଲିଛି। ସୁପ୍ତ ଆଗ୍ନେୟଗିରିରୁ ଅଗ୍ନିଉଦ୍ଗିରଣ ହେବା ପରି ଅନନ୍ୟା ବିଜନଙ୍କୁ ସତ୍ୟାସତ୍ୟ ପଚାରିଥିଲା ଆଉ ବିଜନ ମଧ୍ୟ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ ତୁମେ ଯଦି ମୋ ସହିତ ସଂସାର କରିବାକୁ କୁଣ୍ଠାବୋଧ କରୁଛ ତେବେ ବିବାହ ବିଛେଦ ପାଇଁ ପ୍ରସ୍ତୁତ ରୁହ ଦୁଇ ପରିବାରର ଲୋକଙ୍କ ଆଲୋଚନା ପରେ ବିବାହ ବିଛେଦ ସ୍ଥଗିତ ରହିଲା; କିନ୍ତୁ ଅନନ୍ୟା ତତ୍କ୍ଷଣାତ ଝିଅ ସହିତ ବିଜନ ରାୟଙ୍କ ଘର ସବୁଦିନ ପାଇଁ ଛାଡି ଆସିଥିଲା।

ଅନନ୍ୟା ବିଜନ ରାୟଙ୍କ ଘର ଛାଡ଼ି ଆସିବା ପ୍ରାୟ ବାଇଶି ବର୍ଷ ହୋଇଗଲାଣି। ସେ କେବେବି ଆଉ ପଛକୁ ଫେରି ଚାହିଁନାହିଁ। ଏବେ ତା'ର ଠିକଣା କରୋଲବାଗ, ନୂଆଦିଲ୍ଲୀ। ଦୀର୍ଘ ବାଇଶି ବର୍ଷର ସଂଗ୍ରାମ ତା'କୁ ଆଜି ପ୍ରଥମ ଥର ପାଇଁ ଆତ୍ମତୃପ୍ତି ଆଣିଦେଇଛି। ସେଇ ଜୀବନ ଆଉ ଜୀବିକାର ସଂଗ୍ରାମ ଭିତରେ ନିଜର ଆତ୍ମ ସମ୍ମାନରେ କେବେବି ଆଞ୍ଚ ଆସିବାକୁ ଦେଇନାହିଁ। ଅନେକ ଜାଗାରେ ଅନେକ ଆଶା ନେଇ ସେ ଏକ ସମ୍ମାନାସ୍ପଦ ଚାକିରୀ ପାଇଁ ଚେଷ୍ଟା କରିଛି ଓ ଅନେକ ଭଦ୍ରମୁଖା ବ୍ୟକ୍ତିଙ୍କ ଅସଲରୂପ ଦେଖି ସେଠାରୁ ସେ ଅବିଳମ୍ବେ ଚାଲି ଆସିଛି। ସେଇ ପୁରୁଣା ଦିନର କଷ୍ଟ, ଲୋକଙ୍କ ଟାହିଟାପରା, ଝିଅର ଶିକ୍ଷା, ନିଜର ପ୍ରତିପୋଷଣ ଏସବୁ ଭାବିଲେ ଆଜିବି ତା'ର ଦେହ ଶୀତେଇ ଉଠେ। ମଝିରେ ଥରେ ଦୁଇଥର ବିଜନ ରାୟ ଫୋନ କରିଥିଲେ, କିନ୍ତୁ ଅନନ୍ୟା ତା'ର ଉତ୍ତର ଦେବାକୁ ଉଚିତ ମଣିନଥିଲା। ଏହା ତା'ର ବିଜନ ରାୟଙ୍କ ପାଇଁ ବିତୃଷ୍ଣା ଭାବଥିଲା । ନା, ସେ ଆଉ ବିଜନ ରାୟଙ୍କ ପାଖକୁ ଫେରିବାକୁ ଚାହେଁନାହିଁ। ଯେଉଁ ସ୍ୱାମୀ ସ୍ତ୍ରୀଙ୍କୁ ସମ୍ମାନ ଦେଇ ଜାଣନ୍ତି ନାହିଁ, ପିତୃତ୍ୱର ମାନେ ବୁଝନ୍ତି ନାହିଁ ତା'ଙ୍କ ସହିତ ଆଉ କି ସମ୍ପର୍କ? ଦୁର୍ଦ୍ଦିନରେ ଯିଏ ଦୂରେଇ ଯା'ନ୍ତି ସେ ତା' ପାଇଁ ଏକ ଅଚିହ୍ନା ପୁରୁଷ । ଅଙ୍କିତ ଶର୍ମାଙ୍କ ସହିତ ଅନନ୍ୟାର ଯେଉଁଦିନ ଦେଖା ହେଲା ସେଇଦିନ ଠାରୁ ତା'ର ଭାଗ୍ୟରେ ପରିବର୍ତ୍ତନ ଆସିଥିଲା। ଅଙ୍କିତ ଦିଲ୍ଲୀର ଏକପ୍ରତିଷ୍ଠିତ ଟେଲିଭିଜନ ଚାନେଲର ଡ଼ାଇରେକ୍ଟର , ବୟସ୍କ ବ୍ୟକ୍ତି, ଖୁବ ଅମାୟିକ ଓ ଜ୍ଞାନୀ । ଅନନ୍ୟାକୁ ସେ ତା'ଙ୍କ ଚ୍ୟାନେଲରେ ସୁଯୋଗ ଦେଇଥିଲେ। ସବୁବେଳେ ଅନନ୍ୟାକୁ ନିଜ ଛୋଟ ଭଉଣୀ ପରି ଦେଖୁଥିଲେ, ଅନନ୍ୟା ବସ୍‌ଙ୍କ ଠାରୁ କେବେବି କୌଣସି ଖରାପ ବ୍ୟବହାର ପାଇ ନାହିଁ।

ଝିଅ ଖୁବ୍ ଭଲ ପାଠ ପଢ଼ି ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂରେ ସ୍ନାତକ ହେବାପରେ ନିଜ ସହପାଠୀ ବିଦ୍ୟା ଭୂଷଣ ଶର୍ମାଙ୍କୁ ବିବାହକରି ଏବେ ଆମେରିକାର ଟେକ୍ସସାସ୍ ପ୍ରଦେଶରେ । ଦୁହେଁ ଖୁବ ଖୁସିରେ ଅଛନ୍ତି। ଅନେକ ଥର ଝିଅ ଜ୍ୱାଇଁ ଡାକିଲେଣି ଆମେରିକା ଯିବାପାଇଁ, ଅନନ୍ୟା କିନ୍ତୁ କାର୍ଯ୍ୟର ଆଳ ଦେଖାଇ ଯାଇପାରି ନାହିଁ। ଝିଅର ବିବାହ ହେବାପରେ ଅନାନ୍ୟା ପୁରାପୁରି ଏକୁଟିଆ ହୋଇଯାଇଛି , ତେବେବି ନିଜ କର୍ତ୍ତବ୍ୟ ପଥରେ ସେ ଆଗେଇ ଚାଲିଛି, ନିଜର ଅଧ୍ୟବସାୟ, ନିଷ୍ଠା ତଥା କର୍ତ୍ତବ୍ୟପରାୟଣତା ତା'କୁ ଆଜି ନିଜ ବୃତ୍ତିରେ ପ୍ରତିଷ୍ଠିତ କରାଇ ପାରିଛି ଓ ଆଜି ଜୀବନର ଅପରାହ୍ନରେ ବି ସେ କର୍ମଚଞ୍ଚଳ ଓ ଗୁରୁଦାୟିତ୍ୱ ବହନ କରିଚାଲିଛି। ଏହାହିଁ ଅନନ୍ୟାର ଅତୀତ ଆଉ ବର୍ତ୍ତମାନର ଏକ ମିଶ୍ରିତ ଅଧ୍ୟାୟ। ସମୟ କାହାରିକୁ ଅପେକ୍ଷା କରେନାହିଁ, ଅଫିସରେ ଅନନ୍ୟା ଖୁବ ସୁନ୍ଦର ରୂପେ ନିଜ ଦାୟିତ୍ୱ ବହନ କରିଚାଲୁଥିଲା। ତା'ର ପଦୋନ୍ନତି ବି ହୋଇ ଯାଇଥିଲା। ମିସେସ୍ ସାନ୍ୟାଲ ସୁସ୍ଥ ହୋଇ ନିଜ ଦାୟିତ୍ୱ ବହନ କରିସାରିଲେଣି, ଏବେ ଅନନ୍ୟା ଓ ମିସେସ୍ ସାନ୍ୟାଲ ଦୁଇଜଣ ଖୁବ ଭଲ ବନ୍ଧୁ ହୋଇଯାଇଛନ୍ତି। ଦୁଇ ଜଣଙ୍କ ପ୍ରତିଭା ପ୍ରାୟ ସମାନ। ଦିନେ ବସ୍ ଅନନ୍ୟାକୁ ଡକାଇ ପଠାଇଲେ, ଅନନ୍ୟା ତା'ଙ୍କ କ୍ୟାବିନ ଭିତରକୁ ପ୍ରବେଶ କରିବା ମାତ୍ରେ ବସ୍ ନିଜ ଚୌକି ଛାଡି ଉଠିପଡି କହିଲେ ଅନନ୍ୟା ତୁମକୁ ଅଭିନନ୍ଦନ ଜଣାଉଛି । ଅନନ୍ୟା କିଛି ବୁଝି ନ' ପାରି ଉତ୍ସୁକତା ବଶତଃ ବସ୍‌ଙ୍କୁ ଖାଲି ଚାହିଁ ରହିଥିଲା। ସାର କ'ଣ ହୋଇଛି କୁହନ୍ତୁ ? ଅଭିନନ୍ଦନ କାହିଁକି ? ମୁଁ ତ' ସାର୍ କିଛି ବୁଝିପାରୁନାହିଁ। ବସ୍ ପୁଣି କହିଲେ , ଅନନ୍ୟା ମୁଁ ଚ୍ୟାନେଲ ତରଫରୁ ଦୁଃଖର ସହିତ ଜଣାଉଛି କି ଆମେ ତୁମକୁ ଆଉ ଏଠି ରଖି ପାରିବୁ ନାହିଁ।

ଅନନ୍ୟା ଅବାକ୍ ହୋଇ ଚାହିଁଥିଲା ବସଙ୍କ ମୁହଁକୁ, କିଛି ବି ବୁଝିପାରୁନଥିଲା ଏପଟେ ଅଭିନନ୍ଦନ ଆରପଟେ କାର୍ଯ୍ୟରୁ ଅନ୍ତର। ଅନନ୍ୟାର ମୁଣ୍ଡ କାମ କରୁନଥିଲା। ଅନନ୍ୟାର ଅବସ୍ଥା ଦେଖି ବସ୍ ହସି ହସି କହିଲେ, ଡୋଣ୍ଟ ବି ସିରିଅସ ଅନନ୍ୟା, ତୁମର କର୍ମମୟ ଜୀବନରେ ଆଉ ଏକ ସୁଯୋଗ ଆସିଛି । ତୁମକୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରର ପବ୍ଲିକ ରିଲେସନ୍ ବିଭାଗରେ ତିନିବର୍ଷ ପାଇଁ ଚୁକ୍ତି ଭିତ୍ତିକ ନିଯୁକ୍ତି ମିଳିଛି, ତୁମେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକାର ସମୟରେ ଯେଉଁ ପ୍ରଶ୍ନ ପଚାରିଥିଲ ସେ ସବୁକୁ ତୁମଦ୍ୱାରା ସାକାର କରିବାକୁ ପ୍ରଧାନମନ୍ତ୍ରୀ ଚାହାନ୍ତି। ତୁମପରି ଏକ ନିଷ୍ଠାବାନ ମହିଳା ହିଁ ଏହା କରିବାରେ ସହାୟକ ହେବ ଏହା ତାଙ୍କ ଇଚ୍ଛା।

ଅନନ୍ୟା ଏସବୁ ଶୁଣି ହଠାତ ସ୍ୱର୍ଗରୁ ପଡିଲା ପରି ଅନୁଭବ କଲା। ନିଜେ ନିଦ୍ରିତ ନା ଜାଗ୍ରତ ପରୀକ୍ଷା କରିବାକୁ ନିଜ ଦେହକୁ ଟିକେ ଚିମୁଟି ଦେଇ ଦେଖିଲା ଯେ ସେ ଜାଗ୍ରତ। ବସଙ୍କ ଆଖିରେ ତା'ର ଆଖି ମିଶିବା ବେଳକୁ ଅନନ୍ୟା ଚକ୍ଷୁରେ ଆନନ୍ଦାଶ୍ରୁ ପରିପୂର୍ଣ୍ଣ.... ଠିକ ଦୃଶ୍ୟ ହେଉ ନାହିଁ, ବସ୍‌ଙ୍କ ମୁହଁ ତା'କୁ ଝାପ୍ସା ଝାପ୍ସା ଦିଶୁଛି। ଅନନ୍ୟା ଭଗବାନଙ୍କ ଉଦ୍ଦେଶ୍ୟରେ ଦୁଇହାତ ଯୋଡି ନମସ୍କାର କରିବା ସହିତ ବସଙ୍କୁ ଧନ୍ୟବାଦ ଜଣାଇ ଦୌଡ଼ି ଦୌଡ଼ି ନିଜ ଚୌକି ପାଖକୁ ଆସି ଯାଇଥିଲା। ସାରା ଅଫିସରେ ଏହି ସମ୍ବାଦ ବିଜୁଳି ବେଗରେ ବ୍ୟାପିଗଲା। ସମସ୍ତେ ଆସି ଅନନ୍ୟାକୁ ଅଭିନନ୍ଦନ ଜଣାଇଲେ। ଆଜି ସେ ଖୁବ୍ ଖୁସି । ତା' ଜୀବନର ଲକ୍ଷ୍ୟ ଆଜି ପୂରଣ ହୋଇଛି। ନାରୀ ଅବଳା ନୁହେଁ, ନାରୀ ଦୁର୍ବଳା ନୁହେଁ, ନାରୀଶକ୍ତି ଆଜି ବିଶ୍ୱର ଅନ୍ୟତମ ଶକ୍ତି। ଆଜି ଅନନ୍ୟା କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଯୋଗଦେବା ସମୟ ଆସିଗଲା । ଅନନ୍ୟା ଶେଷଥର ପାଇଁ ତା'ର ପୁରୁଣା ଅଫିସ୍ ଯାଇଥିଲା ସେଠାରେ ସମସ୍ତେ ତା'କୁ ଅଭିନନ୍ଦନ ସହିତ କିଛି କିଛି ଉପହାର ମଧ ଦେଇଥିଲେ। ଖୁବ୍ ଖରାପ ଲାଗୁଥିଲା ଯେ, ସେ ଏତେଦିନର ପୁରୁଣା ସାଥିମାନଙ୍କୁ ଛାଡି ଚାଲିଯିବ, କିନ୍ତୁ ଏହାତ' ଜୀବନର ଏକ ଅପ୍ରିୟ ସତ୍ୟ କଥା, ତା'କୁ ନୂତନ ଦାୟିତ୍ୱର ବୋଝ ନେବାକୁ ହେବ। ସରକାରୀ କଳରେ କାମ କରିବା ଏତେଟା ସହଜ ନୁହେଁ। ସମସ୍ତଙ୍କୁ ଶାନ୍ତି କରି ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ହେବ ନ'ହେଲେ ରୋଷର ଶିକାର ହେବାକୁ ପଡିବ। 'ପଛଘୁଞ୍ଚା ନାହିଁ ବୀରର ଜାତକେ' ପିଲାଦିନେ ପଢିଥିବା ଉକ୍ତିଟି ମନେ ପଡିଗଲା। ବସ୍‌ଙ୍କ ସହ ଶେଷ ଦେଖାରେ ବସଙ୍କ ନିରୀହ ଉଜ୍ଜଳ ଚକ୍ଷୁ ଦୁଇଟିରେ ଦୁଇ ଟୋପା ଲୁହ ଦେଖି ସେ ବି କାନ୍ଦି ପକାଇଥିଲା । ଦୀର୍ଘ ବର୍ଷର ଚାକିରୀ ସମୟରେ ବସ୍‌ଙ୍କ ଠାରୁ କେବେବି ନକରାତ୍ମକ ବ୍ୟବହାର ପାଇନାହିଁ। ଆଜି ସେ ନାଚାର, ତା'କୁ ତା'ର କର୍ମମୟ ପଥରେ ଆଗେଇବାକୁ ହେବ । ଏଠି ଇମୋସନକୁ ଦୂରେଇ ଦେଇ ଅନନ୍ୟା କରମର୍ଦ୍ଦନ କରି ଚାଲି ଆସିଥିଲା । ଇମୋସନକୁ ଧରି ବସିଲେ ନୂତନ ଅଧ୍ୟାୟ ଆରମ୍ଭ ହେବ କେମିତି ? ଏହା ତ' ସୃଷ୍ଟିର ନିୟମ, ଅନନ୍ୟା କ୍ଷେତ୍ରରେ ମଧ ଠିକ୍ ସେହିପରି ହୋଇଥିଲା । ଅନନ୍ୟା ଆଉ ପଛକୁ ଫେରି ଚାହିଁ ନାହିଁ।

ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଏବେ ଅନନ୍ୟାର ନୂଆ ଅଫିସ ଠିକଣା ପାଲିଟିଛି।

+ସ୍ନେହ କୁଟୀର ,
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# କାମରେ ଆସୁନି ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ର

## ଖର୍ଚ୍ଚ ହୋଇଛି ୩.୧୩୦ କୋଟିରୁ ଅଧିକ, ପରିଚାଳନା ଠିକା ସଂସ୍ଥା ନେଉଛି ଲକ୍ଷ ଲକ୍ଷ ଟଙ୍କା



ରାଉରକେଲା, ୧୬/୦୪ (ନି.ପ୍ର): ଗତ ୨୦୧୮ରେ ମୁଖ୍ୟମନ୍ତ୍ରୀଙ୍କ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ରାଜ୍ୟ ଓ ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାପନ କରିଥିଲେ ପ୍ରାୟ ୫୦ଟି ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ର (ୱେ ସାଇଡ୍ ଏମିନିଟି ସେଣ୍ଟର)। ଏଥି ମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାରେ ରହିଛି ତିନି ଏମିନିଟି ସେଣ୍ଟର। ପ୍ରତ୍ୟେକ କେନ୍ଦ୍ର ପାଇଁ ସରକାର ଖର୍ଚ୍ଚ କରିଛନ୍ତି ପ୍ରାୟ ୧ କୋଟି ୧୦ ଲକ୍ଷ ଟଙ୍କା। ଆଜିକୁ ୪ ବର୍ଷ ବିତିଯାଇଥିଲେ ସୁନ୍ଦରଗଡ଼ ଜିଲ୍ଲାର ଅଧାରୁ ଅଧିକ ଯାତ୍ରୀ ଓ ପର୍ଯ୍ୟଟକମାନେ ସୁବିଧା ପାଇବା ତ ଦୂରର କଥା ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ର କ'ଣ ଜାଣିପାରିଲେ ନାହିଁ।

ହେଲେ ପରିଚାଳନା ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କିନ୍ତୁ ମାସକୁ ମାସ ଲକ୍ଷ ଲକ୍ଷ ଟଙ୍କା ନେଇ ଚାଲିଛି। ଲାଠିକଟା-ବାରକୋଟ ୧୩୪ ନଂ ଜାତୀୟ ରାଜପଥର ରାଜାମୁଣ୍ଡା ବିରତୋଳା ନିକଟ ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ରକୁ ମାସକୁ ୧୦୦ ଜଣ ଯାତ୍ରୀ ଓ ପର୍ଯ୍ୟଟକ ମଧ ଯାଇ ନାହାନ୍ତି। ସେହି ସମାନ ସ୍ଥିତି ୧୦ ନଂ ରାଜ୍ୟ ରାଜପଥ (କ)ର ବାରକୋଟ୍-ଦର୍ଦ୍ଦଂ ରୋଡ ବଣାଇଁ ନିକଟ ଲଲେଇରେ। ତୃତୀୟ ରାଉରକେଲା -ସୁନ୍ଦରଗଡ଼ ବିଜୁ ଏକ୍ସପ୍ରେସ୍ ୱେରେ ରହିଛି। ଏଠାକୁ ମଧ କାଁ ଭାଁ କେଇ ଜଣ ଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚରେ ସରକାର ସ୍ଥାପନ କରିଥିବା ଏସବୁ କେନ୍ଦ୍ର କେବେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ କାମରେ ଆସିବ ବୋଲି ସାଧାରଣ ପ୍ରଶ୍ନ ଉଠିବା ସ୍ୱଭାବିକ। ଅନ୍ୟପଟେ ଆବଶ୍ୟକୀୟ ସୁବିଧା ନଥିବାରୁ ପର୍ଯ୍ୟଟକ, ଯାତ୍ରୀମାନେ କେନ୍ଦ୍ରକୁ ଯାଇ ଅଧା ବାଟରୁ ଫେରି ଆସୁଥିବା ଅଭିଯୋଗ ହେଉଛି। ପାର୍କିଂ, ଶିଶୁ ଉଦ୍ୟାନ ଅନ୍ୟାନ୍ୟ ବିକାଶ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କିଛି ସ୍ଥାନରେ ଭାଙ୍ଗିରୁଜି ଗଲାଣି। ଠିକାସଂସ୍ଥା ପକ୍ଷରୁ ପ୍ରତ୍ୟେକ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୬ ଜଣ ଲେଖାଏଁ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।

ସରକାରଙ୍କ ପାଣ୍ଠିରୁ ପ୍ରତ୍ୟେକ କେନ୍ଦ୍ରରେ ରକ୍ଷଣାବେକ୍ଷଣ ବାବଦରେ ମାସକୁ ପ୍ରାୟ ୬୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ପର୍ଯ୍ୟଟକ ଓ ଯାତ୍ରୀ କେମିତି ଏଠାରେ ସୁବିଧା ସୁଯୋଗ ପାଇବେ, ସେଥିପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ନାନାଦି ସମସ୍ୟା ସଂକ୍ରାନ୍ତରେ ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା କର୍ମଚାରୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଫଳ କିନ୍ତୁ ଶୂନ। ରାତିରେ ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ର ଠାରୁ ବାହାର ଓ ଭିତର ଅଧିକାଂଶ ସମୟରେ ଅନ୍ଧାର ରହୁଛି। ରାତି ସମୟରେ ସାମୟିକ ବିଶ୍ରାମ ନେବାକୁ ଚାହୁଁଥିବା ପରିବାର ଭୟରେ ଯାଉ ନାହାନ୍ତି। ଜଳପାନ ପାଇଁ ରୋଷେଇ ଘର ନିର୍ମାଣ ହୋଇଛି। ଆଜି ଯାଏଁ ଏସବୁ ବ୍ୟବସ୍ଥା କରାଯାଇ ନାହିଁ। କେବେ ବିଭାଗୀୟ ଅଧିକାରୀ କହି ପାରୁ ନାହାନ୍ତି। ବାସ୍ତବ ସ୍ଥିତିକୁ ଦେଖିଲେ କେବଳ ଠିକା ସଂସ୍ଥାକୁ ପୋଷିବାକୁ ଏହି ଦୁଇଟି କେନ୍ଦ୍ର ନିର୍ମାଣ କରାଯାଇଥିଲା ବୋଲି ମନେ ହେଉଛି। ଏଥିରୁ ଯାହାର ବୁଝାପଡୁଛି ବିଭାଗୀୟ ଅଧିକାରୀ ଯେମିତି ରାସ୍ତା ପାର୍ଶ୍ୱ ଅବସ୍ଥାନ କେନ୍ଦ୍ର ନିର୍ମାଣ କରି ତାଙ୍କର କାମ ସାରି ଦେଇଛନ୍ତି। ରାସ୍ତା ପାର୍ଶ୍ୱରେ ନିର୍ମାଣ ଅବସ୍ଥାନ କେନ୍ଦ୍ର ପଥଚାରୀ, ପର୍ଯ୍ୟଟକଙ୍କୁ ଆଜି ଯାଏ ସୁବିଧା ଦେଇ ପାରି ନାହିଁ।

# ଚମକପୁର ମା' ବାସୁଳୀଙ୍କ ପୀଠରେ ଚଇତି ପର୍ବ ପାଳିତ

ଚମ୍ପୁଆ, ୧୬/୦୪ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଚମକପୁର ଗ୍ରାମରେ ରହିଥିବା ଗ୍ରାମଦେବତୀ ମା'' ବାସୁଳୀଙ୍କ ପୀଠରେ ହିନ୍ଦୁ ପରମ୍ପରା ଓ ରୀତିନୀତି ଅନୁଯାୟୀ ଗତ ତିନି ଦିନ ଧରି ଚଇତି ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଂଚଳର ପ୍ରାୟ ହଜାର ହଜାର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'' ଙ୍କ ଆଶିଷ ଭିକ୍ଷା କରିଥିଲେ। ଚମକପୁର ଏକ ଦଣ୍ଡପାଟ ଅଂଚଳ ଭାବେ ଜଣାଶୁଣା ଥିବାବେଳେ ସେଠାରେ ପ୍ରତିବର୍ଷ ବିଭିନ୍ନ ପର୍ବପର୍ବାଣୀ ମାନ ଅନୁଷ୍ଠିତ ହୋଇଆସୁଅଛି ଏବଂ ତନ୍ମଧ୍ୟରୁ ଚଇତି ପର୍ବ ଅନ୍ୟତମ। ମାନସିକଧାରୀ ମାନେ ପ୍ରଥମ ଦିବସରେ କଂଟା ଉପରେ ଗଡୁଥିବାର ପରମ୍ପରା ରହିଥିବା ବେଳେ ଦ୍ୱିତୀୟ ଦିବସରେ ପଣା ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁଙ୍କୁ ପଣା ବଂଟନ ସହିତ ଜଣେ ମାନସିକଧାରୀ ଉଡୁଥିବାର ଦେଖିବାକୁ ମିଳିଥାଏ ଯାହା ପୂର୍ବପୁରୁଷରୁ ଲାଗିରହିଛି। ପୂର୍ବରୁ ଚଇତି ପର୍ବ ଅବସରରେ ଗ୍ରାମରେ ବାଦ ପାଲା ଠାରୁ ଆରମ୍ଭ କରି ଅପେରା, ମେଲୋଡି ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଉଭୟ ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ମତୁଆଲା ତଥା ଆତ୍ମବିଭୋର କରି ପକାଉ ଥିଲା। କିନ୍ତୁ, କାନପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା ଗ୍ରାମ ଉଚ୍ଛେଦ କରାଯିବା ପରେ ନିଜ ସୁବିଧା ମୁତାବକ ଗ୍ରାମବାସୀ ମାନେ ଏଣେ ତେଣେ ଘର କରି ରହିବାକୁ ଲାଗିଲେ। ଯାହାଦ୍ୱାରା ରୀତିନୀତି ଅନୁଯାୟୀ ମା'' ଙ୍କ ପୂଜାର୍ଚ୍ଚନା ହେବାରେ ଅନେକ ସମସ୍ୟା ଦେଖାଯାଇଥିଲା। କିନ୍ତୁ, ମା'' ଙ୍କ ଆଶିର୍ବାଦରୁ ସେଥିରେ କୌଣସି ବାଧାବିଘ୍ନ ଆସିନଥିଲା ଏବଂ ପୂଜାର୍ଚ୍ଚନା ସୁରୁଖୁରୁରେ ହୋଇପାରିଥିଲା। ଏଥିନିମନ୍ତେ ମେଳା କମିଟି ସଭାପତି କାର୍ତ୍ତିକେଶ୍ୱର ନାଏକ, ସମ୍ପାଦକ ପୁରୁଷୋତମ ନାଏକ, କୋଷାଧ୍ୟକ୍ଷ ଲିଙ୍ଗରାଜ ନାଏକଙ୍କ ସହିତ ପ୍ରିତମ ମହାରଣା, ଭାଗବତ ନାଏକ, ଚିନ୍ମୟ ଦାସ, ବିକି ନାଏକ, ଚନ୍ଦନ ନାଏକ, ଅମର ନାଏକ, ପିନୁ ଦାସ, ଅର୍ଜୁନ ବେହେରା, ଦୁଷ୍ମନ୍ତ ବେହେରା, ଶିବ କାଣ୍ଡି, ଅଙ୍କିତ ନାଏକ, ଇଶ୍ୱର ନାଏକ, ସାନ ନାଏକ, ଦିବ୍ୟରଞ୍ଜନ ଦାସ ପ୍ରମୁଖଙ୍କ ଅବଦାନ ଅତୁଳନୀୟ ରହିଥିଲା। ଗ୍ରାମ ଉଚ୍ଛେଦ ପରେ ମଧ ସ୍ଥାନୀୟ ଅଂଚଳ ତଥା ଦୂରଦୂରାନ୍ତରୁ ଛୁଟି ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଚଳିତ ବର୍ଷର ଚଇତି ପର୍ବକୁ ସମ୍ପୂର୍ଣ୍ଣ ନିଆରା କରିପକାଇଥିଲା। ସୂଚନା ଥାଉ କି, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମ ଉଚ୍ଛେଦକୁ ଦୁଇ ବର୍ଷ ହେବାକୁ ବସିଥିଲେ ସୁଦ୍ଧା ପୁରୁଣା ଗ୍ରାମରେ ରହିଥିବା ସମସ୍ତ ଦେବାଦେବୀ ପୀଠ ତଥା ମନ୍ଦିର ସବୁକୁ ଆଙ୍ଗୁଳିଆ ସ୍ଥିତ ବିସ୍ଥାପିତ କଲୋନୀରେ ହିନ୍ଦୁ ପରମ୍ପରା ତଥା ରୀତିନୀତି ଅନୁଯାୟୀ ସ୍ଥାପନା କରାଯାଇ ପାରିନାହିଁ। ଏହି ବାବଦରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କଲାପରେ ମଧ କୌଣସି ସୁଫଳ ମିଳିପାରିନାହିଁ। ଯଦ୍ୱାରା ଅଧିବାସୀଙ୍କ ଆସ୍ଥା ଓ ବିଶ୍ୱାସରେ ଆଘାତ ପଡ଼ିବା ସହିତ ଅଂଚଳର ସଂସ୍କୃତି, ପରମ୍ପରା ବିଲୁପ୍ତ ହେବାକୁ ଯାଉଛି।

# ମନ୍ତେଇ ନଦୀ ଉପରେ ପୋଲ ହେବା ପାଇଁ ସାମ୍ବାଦିକ ସମ୍ମିଳନୀ




ବାସୁଦେବପୁର, ୧୬/୦୪ (ନି.ପ୍ର): ବାସୁଦେବପୁର ବିଜୁ ଜନତା ଦଳ କାର୍ଯ୍ୟାଳୟ ରେ ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମନ୍ତେଇ ନଦୀ ଉପରେ କେର ସାହି ଘାଟ ଓ ଚାରିବାଟିଆ ଘାଟ ର ପୋଲ ନିର୍ମାଣ ପାଇଁ ଅର୍ଥ ମଂଜୁର କରି ଥିବାରୁ ଓଡିଶା ର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବିଶେଷ କୃତଜ୍ଞତା ଜଣାଇବା ସହିତ ଅଭିନନ୍ଦନ ଜଣାଇଛନ୍ତି। ଚାରିବାଟିଆ ଓ କେର ସାହି ଘାଟ ପାଇଁ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ବିଶ୍ୱ ବ୍ୟାଙ୍କ ପ୍ରୋଜେକ୍ଟ ରେ ଏହି କାର୍ଯ୍ୟ କୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ବିଶେଷ ସୂତ୍ରରୁ ପ୍ରକାଶ। ଏହି ପୋଲ ସମ୍ପୂର୍ଣ୍ଣ ହେଲେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଯାଜପୁର ଜିଲ୍ଲା ର ଜନ ସାଧାରଣ ଉପକୃତ ହୋଇପାରିବେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ର ଅଧିକାଂଶ ଲୋକମାନେ ଏହି ବାଟ ଦେଇ ଯିବା ଆସିବା କରୁଛନ୍ତି। ଖୁବ ଶୀଘ୍ର ଏହି କାର୍ଯ୍ୟ ପାଇଁ ବଡ଼ ବଡ଼ କମ୍ପାନୀ ଟେଣ୍ଡର ପକାଇବେ। ଏହି ସାମ୍ବାଦିକ ସମ୍ମିଳନୀ ରେ ବିଧାୟକ ପ୍ରତିନିଧି ଅସିତ ଦାଶ, ପ୍ରଫୁଲ୍ଲ ପଳିତା, ଦୀନବନ୍ଧୁ ଦାସ, ଦେବ ଦର୍ଶନ ଦାଶ, ମାନସ ସାହୁ ଉପସ୍ଥିତ ଥିଲେ।

# ସତ୍ୟପୀର ପୀଠ ପରିଦର୍ଶନରେ ଓଡ଼ିଶା ମାନ୍ୟବର ରାଜ୍ୟପାଳ ଗଣେଶ ଲାଲ



ଖୋର୍ଦ୍ଧା, ୧୬/୦୪ (ନି.ପ୍ର): ବାବା ସତ୍ୟ ପୀର ପୀଠ କାଇପଦର (ବଖାରି ବାବା) ପରିଦର୍ଶନପାଇଁ ଆଜି, ତା ୧୫,୪,୦୨୩ ରିଖ ଓଡ଼ିଶା ର ରାଜ୍ୟପାଳ ମାନ୍ୟବର ଶ୍ରୀଯୁକ୍ତ ଗଣେଶ ଲାଲ ଆସିଥିଲେ। ଉର୍ସୁ ପର୍ବ ପାଳନ ମୁସଲମାନ ସଂପ୍ରଦାୟଙ୍କୁ ଉକ୍ତ, ଆହ୍ଲା ଓ ଈଶ୍ୱର ହିନ୍ଦୁ ମୁସଲମନମାନ ଧର୍ମ ପୀଠ, କାଇପଦର ବଖାରି ବାବା। ଜଗନ୍ନାଥ୍ ସଂସ୍କୃତି ସହ ଜଡ଼ିତ ଓଡ଼ିଶାର ସବୁ ଧର୍ମ ଈଶ୍ୱର ଏକ ଦ୍ୱିତୀୟ ନାସ୍ତି। ତାଙ୍କ୍ ବକ୍ତବ୍ୟ ର କହିଥିଲେ। ପୀର ବାବା ଦର୍ଶନ କରି ଅତି ଭାବ ବିହୋଳ ହୋଇ ପଡ଼ିଥିଲେ। ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ ରାଜ୍ୟସଭା ସାସନ୍ଦ ମୁଜାମୁଦ୍ଦିନ ଖାଁ ( ମୁନା ଖାଁ) ଖୋର୍ଦ୍ଧା ପୂର୍ବତନ ବିଧାୟକ ଶ୍ରୀଯକ୍ତ ଦିଲୀପ ଶ୍ରୀଚନ୍ଦନ। ଖୋର୍ଦ୍ଧା ମୁସଲିମ ବାଖାରୀ ବାବା ପୂଜାରୀ ( ମିଆଁ ସମ୍ପ୍ରଦାୟ) ସଭାପତି ସେକ, ସନୱାଲା ଓ ୱାୟକ୍ ବୋର୍ଡ ମୁଖ୍ୟ, ଖୋର୍ଦ୍ଧା ବିଧାୟକ ଶ୍ରୀଯୁକ୍ତ ଜିତେନ୍ଦ୍ର ନାଥ ମିତ୍ର। ବ୍ଲକ ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ପ୍ରିୟର୍ଶନୀ ପାତ୍ର। ଓଡ଼ିଶା ରାଜ୍ୟ ପାଳ ଗଣେଶ ଲାଲ୍ ଉପସ୍ଥିତି କାଇପଦର୍ ଗ୍ରାମ୍ ଉଭୟ ସଂପ୍ରଦାୟ ଜନସାଧାରଣ ବହୁ ଖୁସୀ। ଏହା ପୁବର୍ରୁ ଓଡ଼ିଶା ରଜପାଳ ଥିବା, ମାନ୍ୟବର ଆକବର ଖାଁ ଅଲ୍ଲୀ, ଏପରି ସେ ଏହି ସର୍ବ ଧର୍ମ ସମିଳିତ ପିରବାବା ପୀଠ ଧର୍ମ ଶାଳାରେ ରାତ୍ର ରହଣି କରିଥିଲେ। ଉକ୍ତ ପୀଠ ଗୌରବ ବଢ଼ାଇ ଥିଲା। ଦ୍ୱିତୀୟ ରାଜ୍ୟ ପାଳ ଭାବେ ମାନ୍ୟବର ଗଣେଶ ଲାଲ, ଆସିଲେ ବଡ ଆନନ୍ଦ ଦିନ ଆଜ ଥିଲା। ଶୁଣାଯାଏ ୨୦୨୪ ନିର୍ବାଚନ ପୂର୍ବରୁ ଏହି ବିଶ୍ୱ ପଶିଦ୍ଧ ବଖାରୀ ବାବା ପୀଠକୁ ଓଡ଼ିଶା ମାନ୍ୟବର ମୁଖ୍ୟ ମନ୍ତ୍ରୀ ଆସି ବାର ଅଛି। ଯାହା କାଇପଦର୍ ଲାଲ ମାଟି ପବିତ୍ର ହୋଇଯିବ। କାଇପଦର ଡାକ୍ତରଖାନା ଓ ସତ୍ୟପୀର ପୀଠ ଛୋଟ ସହର ମାନ୍ୟତା ପାଇବ। ବର୍ତମାନ ଖୋର୍ଦ୍ଧା ଜିଲ୍ଲା ପାଳ ଥିବା କେ, ସୁଦର୍ଶନ ଚକ୍ରବର୍ତ୍ତୀ ଆଇ, ଏ, ଏସ, ଯଦି ଖୋର୍ଦ୍ଧା ଜିଲ୍ଲାପାଳ ୩ ବର୍ଷ ରହିବେ ,ଖୋର୍ଦ୍ଧା ଜିଲ୍ଲା ,ଖୋର୍ଦ୍ଧା ପୌରପରିଷଦ ବହୁ ସମସ୍ୟା ଦୂର ହେବ। ଖୋର୍ଦ୍ଧା ଜନସାଧାରଣ ସମସ୍ତେ ବିଶେଷ ଖୁସୀ ଏ ପରୀ ସାହସୀ ନିର୍ଭୀକ ଓ ସଚୋଟ ଜିଲ୍ଲା ପାଳ ପାଇ। ଉକ୍ତ ଜିଲ୍ଲାପାଳଙ୍କ ଯୋଗୁ ଖୋରଧା ଦୁର୍ନୀତି ଅଧିକାରୀ ଓ କର୍ମଚାରୀ ସତର୍କରେ ଚାଲିଛନ୍ତି। ଆଜି ରାଜ୍ୟ ପାଳ ଆସିବା ପୁର୍ବରୁ ଜାତୀୟ ୧୬ ନମ୍ବର୍ ରାଜପଥ କୁରାଢମଲ ଛକ ଠାରୁ କାଇପଦର ପର୍ଯ୍ୟନ୍ତ ବଡ ୨୦/୨୫ ହମ୍ପ ରାସ୍ତା ଗୃହ ନିର୍ମାଣ ବିଭାଗ ଖୋର୍ଦ୍ଧା ହଟାଇ ଦେଇଅଛି। ଏହା ଥିଲା ଜିଲ୍ଲାପାଳ ଙ୍କ ଆଦେଶ। ଆଗରୁ ବହୁ ବାର ମିଡିଆ ଓ ଜନସାଧରଣ ଯେତେ ଆପତ୍ତି ଅଭିଯୋଗ କଲେ ବି ଶୁଣୁ ନ ଥିଲେ। ଆଜି ଉକ୍ତ ରାସ୍ତାରେ ଯାଉଥିବା ଜାନବାହାନ ଓ ଦୁଇ ଚକିଆ ଚାଳକ ଖୋର୍ଦ୍ଧା ଜିଲ୍ଲାପାଳ ଙ୍କୁ ବହୁ ପ୍ରଂଶସା କରୁଛନ୍ତି। ପୀର ବାବା ଙ୍କ ଆଶ୍ରିବାଦ ତାଙ୍କ ଉପରେ ରହିଛି ରହିବ।

# ଆଶା ସ୍ୱେଚ୍ଛାସେବୀ ସଂଗଠନ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ବଧିର ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ



ବସ୍ତା, ୧୬/୦୪ (ନି.ପ୍ର): ଆଜିର ସମାଜରେ ମୂକ ବଧିର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ଗ୍ରହଣ କରିବା ସହିତ ନାଚ ଚିତ୍ରାଙ୍କନ ଦୌଡ ମାଧ୍ୟମରେ ବେଶ ଜିଲ୍ଲାର ରେ ସୁନାମ ଅର୍ଜନ କରି ସେମାନେ ନିଜ ନିଜ ନିଜର ପରିଚର ସୃଷ୍ଟି କରି ପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ବସ୍ତା ଅଞ୍ଚଳରେ ଏକମାତ୍ର ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ଲକ୍ଷ୍ମୀ ବାସନ୍ତୀ ମୂକ ବଧିର ସ୍ୱତନ୍ତ୍ର ବିଦ୍ୟାଳୟରେ ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଆଡଭୋକେଟ ଅମର କୁମାର ପାଳ ଓ ପୂର୍ବତନ ଲକ୍ଷ୍ମୀ ବାସନ୍ତି ବିଦ୍ୟାଳୟର ସମ୍ପାଦିକା ମଂଜୁବତୀ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାର ଆୟୋଜନ ହୋଇଥିଲା। ମୂଖ୍ୟ ଅତିଥିଭାବେ ଜଳେଶ୍ୱର ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ମୂଖ୍ୟ ବକ୍ତା ସାହିତ୍ୟିକ ସୁବକ୍ତା କାଳିପଦ ପଣ୍ଡା, ସମ୍ମାନୀତ ଅତିଥି ଯୁବ ନେତା ରବିନ୍ଦ୍ର କୁମାର ଅଣ୍ଡିଆ , ସମ୍ମାନୀତ ଅତିଥି ଯୁବ ସମାଜସେବୀ ସୁମନ୍ତ କୁମାର ଜେନା ମଥାନୀ ପଞ୍ଚାୟତ ବିଜେଡି ସଭାପତି ଦେବେନ୍ଦ୍ର ବେହେରା, ସାମ୍ବାଦିକ ବିଜୟ କୁମାର ଭୂୟାଁ , ଆମ୍ବଗଡିଆ ବିକାଶପରିଷଦର ସଭାପତି ଅନ୍ତର୍ଯ୍ୟାମି ମହାପାତ୍ର, ଯାତ୍ରାକଳାକାର ପୂର୍ଣ୍ଣଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମି ରାଉଳ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଜ୍ଞାପ୍ରକାଶ ପାଳ ପରିଚାଳନା କରିଥିବାବେଳେ ସମୟଚକ୍ର ସମ୍ପାଦକ ସର୍ବେଶ୍ୱର ଯେନା ସଭାପତିତ୍ୱ କରିଥିଲେ। ଅତିଥିମାନେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ଅମର କୁମାରପାଳ ବାର୍ଷିକ ବିବରଣୀ ପାଠକରିଥିଲେ ମଞ୍ଜୁବତୀ ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ନିର୍ମଳାବାସିନୀ ସେନାପତିଙ୍କୁ କର୍ତ୍ତବ୍ୟନିଷ୍ଠ ଓ ରତିକାନ୍ତ ପରିଡାଙ୍କୁ ଫୁଲତୋଡା ଉତ୍ତରୀୟ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ୪ଜଣ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସାର୍ଟିଫିକେଟ ଫୁଲତୋଡା ଦିଆଯାଇଥିଲା। ଶେଷରେ ଛାତ୍ରୀ ମାନଙ୍କଦ୍ୱାରା ନୃତ୍ୟ ପରିବେଷଣ କରିଥିଲେ ଆଶା ପ୍ରତିଷ୍ଠାତା ବାସନ୍ତି ପାଳ ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ସ୍ମି ତାରାଣୀ ମହାପାତ୍ର, ଅପରାଜିତା ସେନାପତି, ସୁମନା ପରିଡା, ଏଲିନା ଏଲିସା ପାଳ, ସଂଧ୍ୟାରାଣୀ ବିଶ୍ୱାଳ, ଅପୂର୍ଣ୍ଣା ରାଉତ, ଶିକ୍ଷକ ପ୍ରଦୀପ କୁମାର ସାହୁ, ଅରୁଣ କୁମାର ଦାସ, ଗଜେନ୍ଦ୍ର ପ୍ରଧାନ, ହର୍ଷବର୍ଦ୍ଧନ ଧଳ, ଚନ୍ଦନ ବିଶ୍ୱାଳ, ଗଜେନ୍ଦ୍ର ପ୍ରଧାନ, ଅଜୟ ଧଳ, ଗୋପାଳ ଆଇଚ, ଗୌରାଙ୍ଗ ଦାସ, ଉପସ୍ଥିତ ଥିଲେ।

# ଆଦି ମହୋତ୍ସବରେ ଭାରତର ସମୃଦ୍ଧ ଆଦିବାସୀ ସଂସ୍କୃତି ଓ ହସ୍ତଶିଳ୍ପ ଏବଂ ବ୍ୟଞ୍ଜନର ପ୍ରଦର୍ଶନ



ରାଉରକେଲା, ୧୬/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଓ ଟ୍ରାଇଫେଡର ମିଳିତ ଆନୁକୂଲ୍ୟରେ ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଆଦି ମହୋତ୍ସବ-୨୦୨୩ରେ ଭାରତର ସମୃଦ୍ଧ ଆଦିବାସୀ ସଂସ୍କୃତି, ହସ୍ତଶିଳ୍ପ ଏବଂ ବ୍ୟଞ୍ଜନର ପ୍ରଦର୍ଶନ ଦେଖିବାକୁ ମିଳୁଛି। ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଆଦିବାସୀ କାରିଗର ଏହି ଉତ୍ସବରେ ଅଂଶଗ୍ରହଣ କରୁଛନ୍ତି ଏବଂ ବିଭିନ୍ନ ପ୍ରକାରର ଆଦିବାସୀ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରୁଥିବା ଷ୍ଟଲ୍ ସ୍ଥାପନ କରିଛନ୍ତି। ସୁସ୍ୱାଦୁ ଆଦିବାସୀ ବ୍ୟଞ୍ଜନ ଉତ୍ସବର ଅନ୍ୟ ଏକ ବିଶେଷ ଆକର୍ଷଣ ରହିଛି। ୨୦୨୩କୁ ମିଲେଟ ବର୍ଷ ଭାବରେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଅନେକ ଷ୍ଟଲରେ ମିଲେଟ ଆଧାରିତ ଖାଦ୍ୟ ସାମଗ୍ରୀ ଉପଲବ୍ଧ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଉତ୍ସବର ଅନ୍ୟ ବିଶେଷ ଆକର୍ଷଣ ରହିଛି ଏବଂ ସୁନ୍ଦର ସୁନ୍ଦର ଆଦିବାସୀ ସଂଗୀତ ଏବଂ ନୃତ୍ୟ ପରିଦର୍ଶକଙ୍କୁ ଆକର୍ଷିତ କରୁଛି। ଅପ୍ରେଲ ୧୪ ତାରିଖରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ସୁନ୍ଦରଗଡ ଜିଲ୍ଲା ପରିଷଦ ଅଧକ୍ଷା, ସୁଶ୍ରୀ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓଡିଶା ସରକାରଙ୍କ ବନ ବିଭାଗ ରାଉରକେଲାର ଆରସିସିଏଫ, ଡକ୍ଟର ଏ କେ ମିଶ୍ର ସମ୍ମାନିତ ଅତିଥି ଥିଲେ। ସେହିଭଳି ଅପ୍ରେଲ ୧୩ ତାରିଖ ସାଂସ୍କୃତିକ ସନ୍ଧ୍ୟାରେ ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗର ଇଡ଼ି, ଶ୍ରୀ ପି କେ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିମାନେ ଷ୍ଟଲ ପରିଦର୍ଶନ କରିବା ସହିତ ସଂସ୍କୃତି, ପରମ୍ପରା, କଳା ଏବଂ ହସ୍ତଶିଳ୍ପ ଦୃଷ୍ଟିରୁ ମେଳାର ବିବିଧ ପ୍ରକୃତିର ପ୍ରଶଂସା କରିଥିଲେ। ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ TRIFED ଏବଂ RSP ଦ୍ୱାରା ନିଆଯାଇଥିବା ପଦକ୍ଷେପର ସେମାନେ ପ୍ରଶଂସା କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୬/୦୪ (ନି.ପ୍ର): କେନ୍ଦ୍ରାପଡା ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଜାତୀୟ ସ୍ତରରେ ହେଉଥିବା ଏକ ସର୍ବେକ୍ଷଣ କାର୍ଯ୍ୟ ଯାହାକି ଆନୁଷ୍ଠାନିକ ଶିକ୍ଷା କିମ୍ବା ନିୟମିତ ନିଯୁକ୍ତିରେ ନଥିବା ୧୫ ବର୍ଷରୁ ୨୯ ବର୍ଷ ବୟସର ଯୁବକ ଯୁବତୀ ମାନଙ୍କର ତଥ୍ୟ ସଂଗ୍ରହ କରିବା ପାଇଁ ଉଦ୍ଦିଷ୍ଟ ସେହି ମାନଙ୍କର ସର୍ବେକ୍ଷଣ କାର୍ଯ୍ୟ ଏହି ସ୍ୱତନ୍ତ୍ର ଶିବିରରେ ଥିବା ଶିବିରାର୍ଥୀ ମାନେ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଟିଆଇ ର ପରିଚାଳନା ସଂଯୋଜକ ଡ଼ଃ ନିରଦ ବରଣ ଖୁଣ୍ଟିଆ ଯୋଗ ଦେଇ ସର୍ବେକ୍ଷଣ ପୁସ୍ତିକା ତନ ତନ ଭାବରେ ବୁଝାଇଥିଲେ। ପ୍ରଶାସନିକ ଅଧିକାରୀ ଡ଼ଃ ମଥୁରୀ ଚରଣ ନାୟକ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ସର୍ବେକ୍ଷଣ ସଂପର୍କରେ ବୁଝାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାମୟୀ ପତି, ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ପଦ୍ମଜା କବି ଶତପଥୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ଅବଗତ କରାଇଥିଲେ।

# ବାଲିଘାଟ ଉପରେ ତହସିଲଦାରଙ୍କ ରାତିଅଧିଆ ଚଢାଉ

କୋରେଇ, ୧୬/୦୪ (ନି.ପ୍ର): ବାଲି ସଇରାତରେ ଲିଜ ଏରିଆ ବାହାରେ ବାଲି ଖନନନେଇ ଅଭିଯୋଗ ହୋଇଥିଲା। ଏନେଇ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ ସଦଳବଳେ ବାଲିଘାଟ ଉପରେ ଶୁକ୍ରବାର ରାତିଅଧିଆ ଚଢାଉ କରିଥିଲେ। ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ଶାଳବା, ଧନତ୍ରୀ ଓ ରଣପାଳ ବାଲି ସଇରାତକୁ ଯାଇଥିଲେ। ଲିଙ୍ଗେଶ୍ୱର ଉନ୍ନୟନ କମିଟି ପରିଚାଳନା କରୁଥିବା ରଣପାଳ ବାଲି ସଇରାତରେ ଲିଜ ଏରିଆ ବାହାରେ ବାଲି ଖନନ ନେଇ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ସେଠାରେ ପହଂଚି ବାଲି ଉତୋଳନ କରୁଥିବା ମେସିନ ଅପରେଟରକୁ ଧରି ଥାନାକୁ ଆଣିଥିଲେ। ବାଲି ଲୋଡିଙ୍ଗରେ ନିୟୋଜିତ ମେସିନକୁ ସିଜ କରିବା ସହ ଅପରେଟରକୁ ଥାନାକୁ ଆଣିବା କୁହାଗଲା। ପରେ ଉନ୍ନୟନ କମିଟିର କର୍ମକର୍ତା ଥାନାରେ ପହଂଚିଥିଲେ। ତହସିଲଦାରଙ୍କ ସହ ଏନେଇ ଆଲୋଚନା କରିଥିଲେ। ଲିଜ ଏରିଆ ବାହାରେ ଖନନ ହୋଇ ନଥିବା ଦର୍ଶାଇବା ପରେ ମେସିନ ଅପରେଟରକୁ ଥାନାରୁ ଛଡାଯାଇଥିଲା।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳର ୭୫୭ ଜଣ ଛାତ୍ରଛାତ୍ରୀଙ୍କୁ ୧୫.୨୨ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ




ରାଉରକେଲା, ୧୬/୦୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ ନୂଆଗାଁ, ବିଶ୍ରା, କୁଆରମୁଣ୍ଡା ଓ ଲାଠିକଟା ବ୍ଲକ ତଥା ପୁନର୍ବସତି କଲୋନୀ ଓ ଆଦର୍ଶ ଇସ୍ପାତ ଗ୍ରାମ ଆଦି ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକର ୯୫ ଟି ୟୁପି ସ୍କୁଲ୍ ଏବଂ ୨୦୨ଟି ହାଇସ୍କୁଲରୁ ସପ୍ତମ ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ୭୫୭ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରିଛି। ମାର୍ଚ୍ଚ ୨୯ ତାରିଖରେ ସିଏସ୍‌ଆର୍ ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ଅଜୟ କୁମାର ନାୟକ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତୀକ ଚେକ୍ ପ୍ରଦାନ କରିଥିଲେ। ଏହି ଟଙ୍କା ସମସ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଉଛି। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍-ଚାର୍ଜ , ଶ୍ରୀମତୀ ମୁନମୁନ୍ ମିତ୍ର, ଏଜିଏମ ଶ୍ରୀ ଟି ବି ଟପ୍ପୋ ଏବଂ ଆରଏସପିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ପରୀକ୍ଷାରେ ସେମାନଙ୍କର ଫଳାଫଳ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟର ବାଳକ ଏବଂ ବାଳିକାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଲାଭ କରିଥିବା ଛାତ୍ରଛାତ୍ରୀ ୩୦୦୦ ଟଙ୍କା ଦିଆ ଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୨୦୦୦ ଏବଂ ୧୦୦୦ ଟଙ୍କା ପ୍ରତ୍ୟେକଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସମୁଦାୟ ୧୫୨୨୦୦୦ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଶ୍ରୀ ନାୟକ ତାଙ୍କ ସମ୍ବୋଧନରେ ପାର୍ଶ୍ୱାଞ୍ଚଳ ଜନସଦାହରଣଙ୍କର ସାମଗ୍ରିକ ବିକାଶ ପାଇଁ ଆରଏସପିର ବହୁମୁଖୀ ସିଏସଆର ପଦକ୍ଷେପର ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତିର ସର୍ବୋତ୍ତମ ଉପଯୋଗ କରିବାକୁ ଏବଂ ଏକକ ମନୋଭାବ ସହିତ ସେମାନଙ୍କର ପାଠ୍ୟକ୍ରମ ଲକ୍ଷ୍ୟର ଅନୁସରଣ କରିବାକୁ ସେ ଅନୁପ୍ରେରିତ କରିଥିଲେ। ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବେନେଡିକ୍ଟ ଏକା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୀଳଗିରି ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିରୋଧ ଦିବସ ପାଳିତ

ନୀଳଗିରି, ୧୬/୦୪ (ନି.ପ୍ର): ଗ୍ରୀଷ୍ମଋତୁରେ ଅଗ୍ନିର ପ୍ରାର୍ଦୁଭାବ ଅଧିକ ରହୁଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ନୀଳଗିରି ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିରୋଧ ଦିବସ ପାଳିତ ହେଉଅଛି । ଗତ ୧୪ତାରିଖ ରୁ ୨୦ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଅଗ୍ନିରୋଧ ଦିବସ ପାଳିତ ହେଉଥିବା ବେଳେ ରିବାର ନୀଳଗିରି ଅଗ୍ନିଶମ ବିଭାଗ ଦ୍ୱାରା ଏକ ସଚେତନତା ରଥ ନୀଳଗିରି ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ହାବିଲଦାର ଶାନ୍ତନୁ ଲେଙ୍କା, ହାବିଲଦାର ଗୋପେଶ୍ୱର ନାଏକ, ଫାୟାରମ୍ୟାନ ସାଲେରାମ ହାଁସଦା, ସୁଶାନ୍ତ ମୁଣ୍ଡା, ବିଶ୍ୱରଂଜନ ରାଉତ, ସୁଶାନ୍ତ ସାହୁଙ୍କ ସହ ଏନ.ଏ.ସି. ଅଧକ୍ଷାଙ୍କ ପ୍ରତିନିଧି ଶରତ ଦାସ ଏହି ସଚେତନତା ରଥରେ ସାମିଲ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଅତିକ ଓ ଅଶରଫଙ୍କୁ ଦିଆଗଲା....

ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ପରିବାର ଲୋକଙ୍କୁ ପାର୍ଥିବ ଶରୀରର ହସ୍ତାନ୍ତର କରାଯାଇଥିଲା। ଶେଷରେ ରବିବାର ସନ୍ଧ୍ୟାରେ ଅତିକ ଓ ଅଶରଫଙ୍କୁ କବର ଦିଆଯାଇଛି। ଅନ୍ୟପକ୍ଷରେ ଗୁଳିମାଡ଼ କରିବା ପରେ ଆତ୍ମସମର୍ପଣ କରିଥିବା ୩ ଯୁବକ ସନ୍ନି, ଲଭଲେଶ ଓ ବରୁଣଙ୍କୁ ପୁଲିସ୍ ଜେରା କରିବା ପରେ ଆଜି କୋର୍ଟରେ ହାଜର କରିଥିଲା। ଏହାପରେ କୋର୍ଟ ସମସ୍ତ ୩ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେରା ବେଳେ ୩ ଯୁବକ ପୁଲିସ୍‌କୁ କହିଛନ୍ତି ଯେ ସେମାନେ ଉ ର ପ୍ରଦେଶରେ ନୂଆ ଡନ୍ ଭାବେ ପରିଚିୟ ହାସଲ କରିବାକୁ ଚାହୁଁଥିଲେ। ଏଥିପାଇଁ ସେମାନେ ସର୍ବସମ୍ମୁଖରେ ଅତିକ ଓ ଅଶରଙ୍କୁ ହତ୍ୟା କରିଛନ୍ତି। ତେବେ ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ୩ ଜଣିଆ ନ୍ୟାୟିକ କମିଟି ମଧ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି କମିଟି ୨ ମାସ ମଧରେ ତଦନ୍ତ ସାରି ସରକାରଙ୍କୁ ରିପୋର୍ଟ ଦେବ।

### ଏଡମିସନ କରାଇବା ଆଳରେ....

ଫେକ କାଗଜପତ୍ର ପ୍ରଦାନ ସହ ଡାକ୍ତରୀ ପାଠ୍ୟକ୍ରମ ପାଇଁ ସମସ୍ତ ଉପରକଣ ମଧ୍ୟ ପ୍ରଦାନ କରିଥିଲେ। ସେ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଶ୍ରୀ ନାୟକ ବାଲେଶ୍ୱର ସାଇବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଅଭିଯୋଗକୁ ଭିତ୍ତି କରି ୧୨/୨୩ ନଂର ମାମଲା ରୁଜୁ ସହ ତଦନ୍ତ କରି ଏହି ଦୁଇ ପେସାଦାର ଠକଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିବା ଏସପି ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାରେ ପାଖାପାଖି ୭ଜଣ ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ଆଡମିସନ କରାଇଦେବା କହି ସେମାନଙ୍କ ଠାରୁ ପାଖାପାଖି ୩କୋଟି ଟଙ୍କା ଠକେଇ କରିଥିବା ଗିରଫ ଅଭିଯୁକ୍ତ ଦ୍ୱୟ ପଚରାଉଚୁରା ବେଳେ ପୁଲିସ ଆଗରେ ମାନିଥିବା ଏସପି କହିଛନ୍ତି। ଦୁଇ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱରର ଇନଫୋସିସ ଥାନା, ମଂଚେଶ୍ୱର ଥାନା, ଲିଙ୍ଗରାଜ ଥାନା, ଲକ୍ଷ୍ମୀସାଗର ଥାନା, ଝାଡ଼ଖଣ୍ଡ ରାଜ୍ୟର ଗୁମୁଲା ଥାନା, ଭଦ୍ରକ ଟାଉନ ଥାନା ଏବଂ ଯାଜପୁର ଟାଉନ ଥାନାରେ ମିଶାଇ ମୋଟ ୧୨ଟି ମାମଲା ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଶଶାଙ୍କ ଶେଖର ବେହୁରା, ସାଇବାର ଥାନା ଅଧିକାରୀ ମୀନା ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗମାନଙ୍କ ସୁରକ୍ଷା ସଚେତନ ଶିବିର



ବସ୍ତା, ୧୬/୦୪ (ନି.ପ୍ର): ସିଂଲା ଥାନା ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାର ଗଡ଼ିଆ ମକର ମେଳା ପଡିଆ ଠାରେ ଡି ଏସ ଓଡିଶା ଡେଭେଲପମେଣ୍ଟ ଅର୍ଗାନାଇଜେସନ ର ପ୍ରଥମ ବାର୍ଷିକ ଉତ୍ସବ ରଣଜିତ ମାନ୍ନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅନିରୁଦ୍ଧ ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ଏସ ଡି ପିଓ ଜଳନ୍ଧର ଜାଲି ଉପସ୍ଥିତ ହୋଇ ଦିବ୍ୟାଙ୍ଗ ମାନଙ୍କ ସାମାଜିକ ସୁରକ୍ଷ ପ୍ରଦାନ କରିବା ସହିତ ତାଙ୍କୁ ସହଯୋଗ କଲେ ସୁସ୍ଥ ସମାଜ ଗଠନ ରେ ସହାୟ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବରେ ସମାଜ ସେବି ବାସୁଦେବ ପଣ୍ଡା ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥାଇଲେ। । ସମ୍ମାନିତ ଅତିଥି ଭାବେ ସୁମନ୍ତ କୁମାର ଜେନା, ସନ୍ତୋଷ କୁମାର ଜେନା, ହରିହର ବେହେରା, ପ୍ରଶାନ୍ତ ରାଉତ, ପ୍ରମୁଖ ଯୋଗ ଦେଇ ଥିଲେ । ଶେଷରେ ଉପେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁରର ଘଟଣା ପୁରା ଦେଶକୁ ଚକିତ କରିଛି : ଗିରିରାଜ ସିଂହ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ସମ୍ବଲପୁରର ଘଟଣା ପୁରା ଦେଶକୁ ଚକିତ କରିଛି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ । ସେ କହିଛନ୍ତି ଯେ ରାଜ୍ୟ ସରକାର ଓ ରାଜ୍ୟର ମୁସଲମାନଙ୍କୁ ଙ୍କୁ ପଚାରିବାକୁ ଚାହୁଁଛୁ, କେବେ କଣ ତାଜିଆ ଶୋଭାଯାତ୍ରା ରେ ହିନ୍ଦୁମାନେ ପଥର ପକାଇଛନ୍ତି ? ତାହେଲେ ହିନ୍ଦୁଙ୍କ ଶୋଭାଯାତ୍ରା ରେ ଏପରି ଆକ୍ରମଣ କାହିଁକି ? ହିନ୍ଦୁମାନେ ହନୁମାନ ଜୟନ୍ତୀ କେଉଁଠି ପାଳନ କରିବେ। ଆଗକୁ ଏପରି ହେଲେ ହିନ୍ଦୁମାନେ ସମଗ୍ର ଦେଶରେ ପ୍ରତିବାଦ କରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାର ଉନ୍ନତି ବିନା ପୂର୍ବ ଭାରତ ର ବିକାଶ ଅସମ୍ଭବ। ଏକଥା ପ୍ରଧାନମନ୍ତ୍ରୀ ବୁଝିଛନ୍ତି ଏବଂ ସେହି ଅନୁସାରେ କାମ କରୁଛନ୍ତି। ଓଡିଶାକୁ ଲକ୍ଷେ କୋଟିରୁ ଅଧିକ ଅନୁଦାନ ଦେଉଛନ୍ତି। ଆବାସ ଓ ନରେଗା ଯୋଜନାରେ କେନ୍ଦ୍ର ର ବିଜେପି ସରକାର ସର୍ବାଧିକ ଅନୁଦାନ ଦେଇଛନ୍ତି ବୋଲି ସେ କହିଛନ୍ତି ।

## ହିମାଚଳ ପ୍ରଦେଶର ଛଅ ଜିଲ୍ଲାରେ ପ୍ରବଳ ବର୍ଷା ଆଲର୍ଟ, ପାହାଡ଼ରେ ପଡ଼ିବ ବରଫ

ଶିମଳା, ୧୬/୦୪ (ନି.ପ୍ର): ହିମାଚଳ ପ୍ରଦେଶରେ ପାଗର ଗତିବିଧି ବଦଳୁଛି। ରାଜ୍ୟର ଅଧିକାଂଶ ଜାଗାରେ ରବିବାର ଦିନ ବାଦଲ ଏବଂ ଖରାର ଲୁଚାଲୁଚି ମଧରେ ଉଷ୍ମ ଏବଂ ଭୀଷଣ ଗରମ ଲାଗି ରହିଛି। ତେବେ ଆସନ୍ତା ଚାରିଦିନ ବାଦଲର ବର୍ଷିବାରୁ ଗରମରୁ ମୁକ୍ତି ମିଳିବାର ଆଶା ଅଛି। ପାଣିପାଗ ବିଭାଗ ନିଜ ପୂର୍ବାନୁମାନରେ ୧୮,୧୯ ଏବଂ ୨୦ ଅପ୍ରେଲକୁ ଛଅ ଜିଲ୍ଲାରେ ଭୀଷଣ ବର୍ଷାର ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ବିଳାସପୁର, ମଣ୍ଡି, ଚମ୍ବା, ଶିମଲା, କାଙ୍ଗଡ଼ା ଏବଂ କୁଲ୍ଲୁ ଜିଲ୍ଲାରେ ୧୯ ଅପ୍ରେଲକୁ ଭୀଷଣ ବର୍ଷାର ଅରେଞ୍ଜ ଆଲଟ ବେଳେ ଏହି ଜିଲ୍ଲାରେ ୧୮ ଏବଂ ୨୦ ଅପ୍ରେଲକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ଲାହୌଲ-ସ୍ପିତି ଏବଂ କିନ୍ନୌର ସହିତ ପାହାଡ଼ି ଅଂଚଳରେ ବରଫ ପଡ଼ିବାର ଆଶଙ୍କା ଅଛି।

# ସ୍ୱାମୀ ପରିତ୍ୟକ୍ତା 'ରାଣୀ'ଙ୍କ ଦୁଃଖ : ମୁଣ୍ଡ ଗୁଞ୍ଜିବା ପାଇଁ ହେଉଛନ୍ତି ବାରଦୁଆର ଶୁଣ୍ଡିପିଣ୍ଡା



ଉଦଳା, ୧୬/୦୪ (ନି.ପ୍ର): ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ରାଣୀ ସୋରେନଙ୍କ ଦୁଃଖ କହିଲେ ନସରେ । ଦିନ ମଜୁରିଆ ଭାବରେ କାମ କରି ଚଳୁଛନ୍ତି ଓ ରାତ୍ରୀ ଯାପନ ପାଇଁ ବାର ଦୁଆର ଶୁଣ୍ଡିପିଣ୍ଡା ହେଉଛନ୍ତି । ସରକାରଙ୍କ ତରଫରୁ କେବଳ ୫ କି.ଗ୍ରା ଚାଉଳ ମିଳୁଛି। ସେ ଭୂମିହୀନ ହୋଇଥିବାରୁ ଆବାସ ଯୋଜନାରେ ଘର ତାଙ୍କୁ ମିଳିପାରୁନି । ଭଡା ଓ ଜମି ଖଣ୍ଡେ ପାଇବା ପାଇଁ ସେ ଗୁହାରୀ ଜଣାଇଛନ୍ତି । ସେହିପରି ତାଙ୍କର ଏକମାତ୍ର କନ୍ୟା 'ପାର୍ବତୀ' ବର୍ତ୍ତମାନ ଅଠଣ ଗାଁ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି । ତାଙ୍କୁ କୌଣସି ହଷ୍ଟେଲରେ ରଖିଦେବାକୁ ରାଣୀ ଆକୁଳ ନିବେଦନ କରିଛନ୍ତି । ହଷ୍ଟେଲରେ ରହିଲେ ସେ ପେଟପୁରା ଖାଇବାକୁ ପାଇବ, ରାତ୍ରୀ ଯାପନ ପାଇଁ ତାକୁ ଆଉ ବାର ଦୁଆର ହେବାକୁ ପଡ଼ିବ ନାହିଁ ବୋଲି ମା' ରାଣୀ କହିଛନ୍ତି । ଜିଲ୍ଲାପାଳ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବୀ ହୋଇଛି ।

# ଓଡିଶା ଲୋକଙ୍କୁ ଘର ନଦେବାକୁ ଷଡ଼ଯନ୍ତ୍ର କରୁଛି ବିଜେପି : ବିଜେଡି

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟ ବିଜେପି କିଭଳି ଓଡିଶା ତଥା ଓଡିଆ ବିରୋଧୀ ମନୋଭାବ ପୋଷଣ କରୁଛି ତାହା ଆଜି ରାଜ୍ୟ ବିଜେପି ମୁଖପାତ୍ର ପୃଥୀରାଜ ହରିଚନ୍ଦନଙ୍କ ସାମ୍ବାଦିକ ସମ୍ମିଳନୀରୁ ପଦାରେ ପଡିଯାଇଛି । ଏହାଦ୍ୱାରା ବିଜେପି ଖୋଲାଖୋଲି ଭାବେ ଓଡିଶା ଏବଂ ସାଢେ ୪ କୋଟି ଓଡିଆଙ୍କ ବିକାଶଧାରାକୁ ଅଟକାଇବାକୁ ଚେଷ୍ଟା କରୁଥିବା ଜଣାପଡି ଯାଇଛି । ଓଡିଶାରେ ପିଏମ୍‌ଏୱାଇ ବିଷୟରେ କହିବା ପୂର୍ବରୁ ସେମାନଙ୍କର କିଛି ଲଜ୍ଜା ରହିବା ଉଚିତ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ। ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ସୁଶ୍ରୀ ସାହୁ କହିଛନ୍ତି ଯେ ଓଡିଶାରେ ପ୍ରାୟ ୧୫ ଲକ୍ଷ ପିଏମ ଏୱାଇ ଘର ଆବଶ୍ୟକ ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ଓଡିଶା ବିଜେପି ସାଂସଦମାନେ ଦିଲ୍ଲୀରେ ଓଡିଶା ଏବଂ ଏହାର ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚିଥିଲେ ଏବଂ ଲକ୍ଷ ଲକ୍ଷ ପିଏମ ଏୱାଇ ଘରକୁ ଅଟକାଇ ଦେଇଥିଲେ। ଓଡ଼ିଶା ସରକାର ଏବଂ ବିଜେଡି ସାଂସଦଙ୍କ ଜବରଦସ୍ତ ଚାପ ଯୋଗୁଁ କେନ୍ଦ୍ର କେବଳ ଆଠ ଲକ୍ଷ ଘର ମଞ୍ଜୁର କରିଥିଲା । ଓଡିଶାର ଆଉ ୭ ଲକ୍ଷ ବାସହୀନ ଲୋକ କୁଆଡେ ଯିବେ ବୋଲି ବିଜେଡି ପ୍ରବକ୍ତା ପ୍ରଶ୍ନ କରିଛନ୍ତି । ଶ୍ରୀ ହରିଚନ୍ଦନ ପିଏମ ଏୱାଇ ଘର ନେଇ ପ୍ରଶ୍ନ ପଚାରିବା ପରିବର୍ତେ ଓଡିଶାର ଆଦିବାସୀ ତଥା ପଛୁଆ ବର୍ଗକୁ ମିଳିବାକୁ ଥିବା ୭ ଲକ୍ଷ ପିଏମ୍‌ଏୱାଇ ଘରକୁ ଷଡ଼ଯନ୍ତ୍ର କରି ବନ୍ଦ କରିଥିବାରୁ ଓଡିଶା ବିଜେପି ସାଂସଦଙ୍କ ତରଫରୁ କ୍ଷମା ମାଗିବା ଉଚିତ । ବର୍ତମାନ ଯେତେବେଳେ ଓଡିଶା ସରକାର ପିଏମ ଏୱାଇ କାର୍ଯ୍ୟକାରୀ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି; ପୁନର୍ବାର ଓଡ଼ିଶା ବିଜେପି ଆଜି ଭଳି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମିଥ୍ୟା, ଭିତିହୀନ ଏବଂ କପୋଳକଳ୍ପିତ ବିବୃତି ଦେଇ ଲକ୍ଷ ଲକ୍ଷ ଓଡିଆଙ୍କୁ ପିଏମ ଏୱାଇ ଘର ପାଇବାରୁ ବଂଚିତ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛି। ଓଡିଶା ବିଜେପି ଜାଣିବା ଉଚିତ ଯେ ଓଡିଶାର ଲୋକମାନେ ଭଲଭାବେ ଏହା ଜାଣିଛନ୍ତି ଯେ ଆପଣ ସେମାନଙ୍କ ପିଏମ୍‌ଏୱାଇ ଘର ଷଡ଼ଯନ୍ତ୍ର କରି ବନ୍ଦ କରିଦେଇଛନ୍ତି । ତେଣୁ ଗତ ଜିଲ୍ଲା ପରିଷଦ ନିର୍ବାଚନରେ ସମସ୍ତ ଜିଲ୍ଲାରେ ସେମାନେ ଆପଣଙ୍କୁ ହରାଇଛନ୍ତି ଏବଂ ବିଜେଡି ୩୦ଟି ଜିଲ୍ଲା ମଧ୍ୟରୁ ୩୦ ଟିରେ ବିଜୟୀ ହୋଇ ରେକର୍ଡ କରିଛି । ଏଭଳି ସାମ୍ବାଦିକ ସମ୍ମିଳନୀ ଓଡିଶାର ୪.୫ କୋଟି ଲୋକଙ୍କୁ ଆହୁରି ବିଶ୍ୱାସ କରାଇବ ଯେ ଓଡିଶା ବିଜେପି ପ୍ରକୃତରେ ସେମାନଙ୍କର ୭ ଲକ୍ଷ ପିଏମ୍‌ଏୱାଇ ଘର ବନ୍ଦ କରିବା କ୍ଷେତ୍ରରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ । ଆଗାମୀ ଦିନରେ ଓଡ଼ିଶାର ଲୋକମାନେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସୁଶ୍ରୀ ସାହୁ କହିଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ରାଜ୍ୟ ସ୍ତରୀୟ ଶ୍ରାଦ୍ଧୋତ୍ସବ ଆସନ୍ତା କାଲି

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଆୟୋଜିତ ହେବ । ସୋମବାର ସଂଧ୍ୟାରେ ଜୟଦେବ ଭବନ ଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଜଂଗଲ ପରିବେଶ, ପଂଚାୟତିରାଜ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ ।

## ସମ୍ବଲପୁର ହିଂସା ଘଟଣା: ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି : ସତ୍ୟବ୍ରତ ସାହୁ

ସମ୍ବଲପୁର, ୧୬/୦୪ (ନି.ପ୍ର): ସମ୍ବଲପୁରରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବିଗତ ୪୮ ଘଂଟା ମଧରେ କେ?ଣସି ଅପ୍ରୀତିକର ଘଟଣା ଘଟି ନାହିଁ। ଖୁବ ଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ। ଏଥିପାଇଁ ବିଚାରବିମର୍ଶ କରୁଛୁ। ଆଜି ସନ୍ଧ୍ୟାରେ ରାଜସ୍ୱ ବିଭାଗ ଏସିଏସ୍ ସତ୍ୟବ୍ରତ ସାହୁ ଉଚ୍ଚସ୍ତରୀୟ ବେ?ଠକ ମାଧମରେ ସ୍ଥିତି ସମୀକ୍ଷା କରିବାର ପରେ ଏହା କହିଛନ୍ତି । ହନୁମାନ ଜୟନ୍ତୀ ପାଇଁ ଶୋଭାଯାତ୍ରା ସମୟରେ ପଥରମାଡ଼ ଘଟଣାକୁ ନେଇ ସମ୍ବଲପୁରରେ କର୍ଫ୍ୟୁ ବଳବତର ଥିବା ବେଳେ ଆଜି ସନ୍ଧ୍ୟାରେ ରାଜସ୍ୱ ବିଭାଗ ଏସିଏସ୍ ସତ୍ୟବ୍ରତ ସାହୁ ଉଚ୍ଚସ୍ତରୀୟ ବେ?ଠକ ମାଧମରେ ସ୍ଥିତି ସମୀକ୍ଷା କରିଛନ୍ତି। ଉତରାଂଚଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବେ?ଠକ ପରେ ଏସିଏସ୍ ଶ୍ରୀ ସାହୁ କହିଛନ୍ତି ଯେ କର୍ଫ୍ୟୁ ନେଇ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା ହୋଇଛି। ଆସନ୍ତାକାଲି ମଧ ଆଲୋଚନା ଜାରି ରହିବ। ସମସ୍ତେ ଭାଇଚାରା ବଜାୟ ରଖନ୍ତୁ, କାରଣ ସମ୍ବଲପୁର ସଂସ୍କୃତି ସମ୍ପନ୍ନ ଓ ଉନ୍ନତ ସହର। ଆଜି ସମ୍ବଲପୁରରେ ୩୦୦୦ ପିଲା ସୁରୁଖୁରୁରେ ପରୀକ୍ଷା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି।

# ଏପିଏସପିଏସ ହାଇସ୍କୁଲର ୧୫ ସ୍କାଉଟ୍ ଓ ଗାଇଡ୍‌ଙ୍କୁ ମିଳିଲା ରାଜ୍ୟ ପୁରସ୍କାର

ଭଦ୍ରକ, ୧୬/୦୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମଙ୍ଗଳପୁର ପ ।ୟତ ଅଧୀନ କମାରିଆ ସ୍ଥିତ ଆନନ୍ଦ ପ୍ରସାଦ ସିଦ୍ଧୋଳ ପ ।ୟତ ସହଯୋଗ ହାଇସ୍କୁଲର ୧୫ ଜଣ ସ୍କାଉଟ୍ ଓ ଗାଇଡ୍‌ଙ୍କୁ ରାଜ୍ୟ ପୁରସ୍କାର ମିଳିଛି। ପ୍ରକାଶ ଯେ ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ସମଗ୍ର ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍କୁଲର ୧୦୭ଜଣ ସ୍କାଉଟ୍ ଏବଂ ୧୦୩ଜଣ ଗାଇଡ୍ ରାଜ୍ୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଏପିଏସପିଏସ ହାଇସ୍କୁଲର ୧୧ଜଣ ସ୍କାଉଟ୍ ଓ ୪ଜଣ ଗାଇଡ୍‌ଙ୍କୁ ଏହି ପୁରସ୍କାର ମିଳିଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ରାଜଭବନ ପରିସରରେ ଆୟୋଜିତ ରାଜ୍ୟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାମହୀମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେଇ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଏପିଏସପିଏସ ହାଇସ୍କୁଲର ଗାଇଡ୍ କ୍ୟାପଟେନ୍ ମଂଜୁଲତା ଜେନାଙ୍କ ତ୍ୱାବଧାନରେ ଆର୍ଯ୍ୟଲେଲିନ ସେଠୀ, ଉମେଶ ସାହୁ, ପ୍ରିୟବ୍ରତ କାଣ୍ଡି, ଦିବ୍ୟରଂଜନ ମହାଳିକ, ଓମ୍‌ପ୍ରକାଶ ପାଣି, ସଂଦୀପ ସେଠୀ, ଜ୍ୟୋତିପ୍ରକାଶ ପହି, ସୁଦୀପ୍ତା ଗୋଥି ଓ ସୁନୟନା କାଣ୍ଡି ପ୍ରମୁଖ ସ୍କାଉଟ୍ ଓ ଗାଇଡ୍‌ମାନେ ଉପସ୍ଥିତ ରହି ମହାମହୀମ ରାଜ୍ୟପାଳଙ୍କ ନିକଟରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏଥି ସହ ସ୍କାଉଟ୍ ଗାଇଡ୍ ସଂଗଠନ କ୍ଷେତ୍ରରେ ଭଦ୍ରକ ଜିଲାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ମଧ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଜିଲା ସ୍କାଉଟ କମିଶନର ଅକ୍ଷୟ ହୋତା, ଜିଲା ସଂଗଠନ କମିଶନର ଅଜୟ ନନ୍ଦ, ଜିଲା ତାଲିମ କମିଶନର ବିପ୍ଳବ କୁମାର ପହି, ଜିଲା ସ୍କାଉଟ ସମ୍ପାଦକ ଡ. ମାୟାଧର ସାହୁ, ଏଡିଓ ଦୀପକ କୁମାର ପାଢ଼ୀ ଓ ପ୍ରଣୟ କୁମାର ନାୟକ, ଓଷ୍ଟା ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ସ୍କାଉଟ ଶିକ୍ଷକ ଅକ୍ଷୟ କୁମାର ସାହୁ, ଏପିଏସପିଏସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତିଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲା ଶିକ୍ଷାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସାମୂହିକ ପ୍ରଦୀପ ପ୍ରଜ୍ୱଳନ ସହ ଭଦ୍ରକ ବିଶ୍ୱବିଦ୍ୟାଳୟ ଦାବି

ଭଦ୍ରକ, ୧୬/୦୪ (ନି.ପ୍ର): ବିଦ୍ୟାର୍ଥୀ ବିକାଶ ମ ର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ଜାନୁଗଞ୍ଜସ୍ଥିତ ଦିବ୍ୟମ୍ ପରିସରରେ ପାରମ୍ପରିକ ଢଙ୍ଗରେ ପଣା ବ ନ ସହିତ ବନ୍ଧୁମିଳନ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଂଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ. ଦେବେନ୍ଦ୍ରନାଥ ରାଉତ ଯୋଗଦେଇ ନିଜର ସଂସ୍କୃତି ଓ ମୌଳିକ ପରମ୍ପରାକୁ ବଜାୟ ରଖିବା ସହିତ ଆମେ ଓଡ଼ିଆ - ଭାରି ବଢିଆ ଶବ୍ଦର ମର୍ମ ବୁଝି ଗର୍ବର ସହିତ ଆଗକୁ ବାଟ ଚାଲିବା ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଡାକ୍ତର ରବିନ୍ଦ୍ର କୁମାର ନାୟକ, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି ନିଜ ନିଜର ବଳିଷ୍ଠ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅନୁଷ୍ଠାନର ଉପଦେଷ୍ଟା ଓ ସଚେତନ ନାଗରିକ ଗଣ ମିଳିତ ଭାବରେ ବିଦ୍ୟାର୍ଥୀ ବିକାଶ ମଂଚର ପ୍ରଥମ ମୁଖ୍ୟ ଉପଦେଷ୍ଟା ସ୍ୱର୍ଗତଃ ପ୍ରଫେସର ଡଃ ସନାତନ ମହାନ୍ତିଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଇଥିଲେ। ପ୍ରଫେସର ମହାନ୍ତି ଭଦ୍ରକରେ ଏକ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଯେଉଁ ସୁଦୀର୍ଘ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ସେ ସଂପର୍କରେ ବକ୍ତାମାନେ ସ୍ମରଣ କରିବା ସହିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତେ ପରମପିତା ପରମେଶ୍ୱରଙ୍କ ନିକଟରେ ପବିତ୍ର ପ୍ରାର୍ଥନା ଜଣାଇଥିଲେ ଯେ ଅବିଳମ୍ବେ ପ୍ରଫେସର ମହାନ୍ତିଙ୍କ ସ୍ୱପ୍ନ ପୂରଣ ହେଉ ଏବଂ ଭଦ୍ରକରେ ସରକାରୀ ଭାବେ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ସରକାର ନିଷ୍ପତ୍ତି ନିଅନ୍ତୁ। ନଚେତ୍ ଆଗାମୀ ଦିନରେ ମିଳିତ ସାମାଜିକ ପ୍ରୟାସକୁ ଏକ ବଳିଷ୍ଠ ସଂଗ୍ରାମ ରୂପରେ ଗଢିତୋଳିବା ସହିତ ଭଦ୍ରକ ଜିଲାର ସମସ୍ତ ବ୍ଲକ୍ ଓ ପ ।ୟତ ଯାଏ ଉକ୍ତ ଆନ୍ଦୋଳନକୁ ବ୍ୟାପକ ରୂପ ଦେଇ ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ନହେବା ପର୍ଯ୍ୟନ୍ତ ବିଦ୍ୟାର୍ଥୀ ବିକାଶ ମଂଚ ସଂଗ୍ରାମ ଜାରି ରଖିବା ପାଇଁ ସମସ୍ତ ସଦସ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଜ୍ଞା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀଧର ରାଉତ, ସମାଜସେବୀ ଅନିଲ ଦେ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ ଜେନା, ଯୋଗଗୁରୁ ସୁରେନ୍ଦ୍ର ପ୍ରସାଦ ଦାସ, ରୋଟାରିଆନ ଅଭିଜିତ୍ ନାୟକ, ରତିକାନ୍ତ ବେହେରା, ପ୍ରେମାନନ୍ଦ ମହାନ୍ତି ଓ ୪୦ ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ।

# ହାତୀ ସୁରକ୍ଷା ପାଇଁ ନୂତନ ରଣକୌଶଳ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟିର କୁଲଡିହା ପରିଦର୍ଶନ



ନୀଳଗିରି, ୧୬/୦୪ (ନି.ପ୍ର): କୁଲଡିହା ଅଭୟାରଣ୍ୟ ରେ ବାରମ୍ବାର ହାତୀ ମୃତ୍ୟୁ ଏବଂ ଶିକାରୀଙ୍କ ଅଖଣ୍ଡ ଶିକାରକୁ ପ୍ରତିହତ କରିବା ସହ ହାତୀମାନଙ୍କୁ କିଭଳି ସୁରକ୍ଷା ପ୍ରଦାନ କରାଯାଇ ପାରିବ, ସେଥିପାଇଁ ବନ ବିଭାଗ ଏବେ ତତ୍ପର ହୋଇପଡ଼ିଛି । ରବିବାର ବାରିପଦା ବନଖଣ୍ଡ ଫିଲଡ୍ ଡାଇରେକ୍ଟର ତଥା ଆର.ସି.ସିଏଫ. ପ୍ରକାଶ ଚନ୍ଦ ଗୋଗନାନିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି କୁଲଡିହା ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟାର କିଭଳି ଅଗ୍ରାଧିକାର ଭିତିରେ ସମାଧାନ ହୋଇ ପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟତଃ ଅଭୟାରଣ୍ୟର ସମସ୍ତ ହାତୀକୁ ଟ୍ରାକ କରିବା ସହ ହାତୀମାନଙ୍କର ଗତିବିଧି ନିରିକ୍ଷଣ କରିବା, ହତୀ ଚଲାପଥକୁ ଅନୁସରଣ କରି ଶିକାରୀମାନେ ହାତୀ ଶିକାର କରୁଥିବା ବେଳେ ତାହାର କିପରି ପ୍ରତିରୋଧ କରିବା ସହ ବନ କର୍ମଚାରୀ ସଠିକ୍ ସ୍ଥାନରେ ଅବସ୍ଥାନ କରିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନୂତନ ରଣକୌଶଳ ଗ୍ରହଣ କରିଛି ବନବିଭାଗ । ଆଗାମୀ ୨/୩ ମାସ ମଧ୍ୟରେ ଅଭୟାରଣ୍ୟର ସମସ୍ତ ବିଟ୍‌କୁ ପରିଦର୍ଶନ ସହ କଡ଼ାକଡ଼ି ପେଟ୍ରୋଲିଂ କରିବା ଏହି କମିଟିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବନବିଭାଗ କହିଛି । ଏହି ନୂତନ ରଣକୌଶଳ ସହ ହାତୀ ସୁରକ୍ଷା ଏବଂ ଶିକାରୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି କମିଟି ବାରମ୍ବାର କୁଲଡିହା ପରିଦର୍ଶନ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଚ୍ଚସ୍ତରୀୟ କମିଟିରେ ଆର.ସି.ସି.ଏଫ.ଙ୍କ ସହ ବାଲେଶ୍ୱର ଡି.ଏଫ.ଓ. ଖୁସବନ୍ତ ସିଂ,ଏ.ସି.ଏଫ. ଓ ଶୋଭନ ଦିଗନ୍ତ ଚାନ୍ଦ, କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା, ପଂଚଲିଙ୍ଗେଶ୍ୱର ଫରେଷ୍ଟର, ୪ଗୋଟି ବିଟ୍‌ର ବନରକ୍ଷୀଙ୍କ ସହ ଅନ୍ୟ ବନକର୍ମଚାରୀମାନେ ଏହି ତଦନ୍ତ କମିଟିରେ ସାମିଲ ଥିଲେ ।

# 'ବିଇଏମଟି'ରେ କ୍ୟାମ୍ପସ ଚୟନ

ବାଲେଶ୍ୱର, ୧୬/୦୪ (ନି.ପ୍ର): ଜିଲାର ଅନ୍ୟତମ ବୈଷୟିକ ଶିକ୍ଷାନୁଷ୍ଠାନ 'ଭାରତ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି'(ବିଇଏମଟି) ପକ୍ଷରୁ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ଟ୍ରଷ୍ଟର ଚେୟାରମ୍ୟାନ ଡ. ଶ୍ରୀମାନ ଶ୍ରୀଚନ୍ଦନ ଏଥିରେ ଅଧ୍ୟକ୍ଷତା କରିବା ସହ ଗୁଣାତ୍ମକ ଶିକ୍ଷାଦାନ ସାଙ୍ଗକୁ ଛାତଛାତ୍ରୀଙ୍କ ନିଯୁକ୍ତିକୁ ଏହି ଶିକ୍ଷାନୁଷ୍ଠାନ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ହେଉଥିବା ଏହି ପ୍ରକ୍ରିୟାରେ ଚୟନ ଛାତ୍ରଛାତ୍ରୀ ମ୍ୟାନେଜମେଣ୍ଟ ଶିକ୍ଷା ସହ ୬ ମାସ ପାଇଁ ଆଭାସିରେ ପ୍ରଶିକ୍ଷଣ ନେବେ। ଛାତ୍ରଛାତ୍ରୀଙ୍କ ମ୍ୟାନେଜମେଣ୍ଟ କୋର୍ସ ଶେଷ ପରେ କମ୍ପାନୀର ବେଙ୍ଗାଲୁରୁ କ୍ୟାମ୍ପସରେ ସେମାନଙ୍କୁ ନିୟମିତ ନିଯୁକ୍ତି ଦିଆଯିବ। ଏହି ଟ୍ରେନିଂ ଅବଧି ମଧ୍ୟରେ ଛାତ୍ରଛାତ୍ରୀଙ୍କୁ କମ୍ପାନୀ ପକ୍ଷରୁ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ ବୋଲି ଡକ୍ଟର ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି। ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ଅସିତ ଦାସ, ଡାକ୍ତର ଆକାଶ ମୋଦି ଓ ମନୋଜ କୁମାର ଜେନା ପ୍ରମୁଖ ଏଥିରେ ଉପସ୍ଥିତ ରହି ଭାରତ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜିର ଶିକ୍ଷାଦାନ ଧାରା ଓ ନିୟମିତ ହବାକୁ ଯାଉଥିବା କ୍ୟାମ୍ପସ ଚୟନ ସମ୍ପର୍କରେ ସୂଚନା ଦେଇଥିଲେ । ଡାଇମଣ୍ଡ ପ୍ରୋସେସିଂ ଓ ଏକ୍ସପୋର୍ଟ ବ୍ୟବସାୟ କରୁଥିବା ବେଙ୍ଗାଲୁରୁର ସତ୍ୟବ ଗ୍ରୁପ ଅଫ କମ୍ପାନୀଜର ମ୍ୟାନେଜିଂ ଡାଇରେକ୍ଟର ଉପେନ୍ଦ୍ର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବାଲେଶ୍ୱର ଜିଲ୍ଲା ନିଜ ଜନ୍ମସ୍ଥାନ ହୋଇଥିବାରୁ ଏଠାରୁ ସଂଖ୍ୟାଧିକ ଆଶାୟୀଙ୍କୁ ନିଯୁକ୍ତିର ସୁଯୋଗ ଦେବା ପାଇଁ ସେ ପ୍ରୟାସ ଜାରି ରଖିଥିବା କହିଥିଲେ। ଚୟନ ହେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିର ପ୍ରଥମ ସୋପାନ ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଯୋଗାଇ ଦେବା ସତ୍ୟବ ଗ୍ରୁପ ଅଫ କମ୍ପାନୀଜ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। 'ବିଇଏମଟି'ର ଅଧ୍ୟକ୍ଷ ଶେଖ ଗିୟାସୁଦ୍ଦିନ ଏହି ଚୟନ ପ୍ରକ୍ରିୟା ପରିଚାଳନା କରିଥିବା ବେଳେ ଚତ୍ତରଞ୍ଜନ ନାୟକ, ସଗୁପ୍ତା ଖ୍ୱାଦ୍ରି, ଶୁଭଲକ୍ଷ୍ମୀ ସାହୁ, ପଙ୍କଜ କୁମାର ମହନ୍ତ, ପ୍ରେମଜିଲ୍ ସିଂହ, ନିର୍ମଳ ସେଠୀ ପ୍ରମୁଖ ଅନୁଷ୍ଠାନର କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# 'ଉମଙ୍ଗ'ର ମହିଳା ସଶକ୍ତୀକରଣ ସମ୍ପର୍କିତ ଆଲୋଚନାଚକ୍ର




ବାଲେଶ୍ୱର, ୧୬/୦୪ (ନି.ପ୍ର): ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ ପକ୍ଷରୁ ମହିଳା ସଶକ୍ତିକରଣ ସମ୍ପର୍କିତ ଏକ ଆଲୋଚନାଚକ୍ର ସ୍ଥାନୀୟ ଲକ୍ସି ଇଣ୍ଟରନ୍ୟାସନାଲ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବର ଜିଲା ଗଭର୍ଣ୍ଣର ଗୌରୀଶଙ୍କର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନର ବିଭିନ୍ନ ଗଠନମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସମାଜସେବା ସାଙ୍ଗକୁ ମହିଳାଙ୍କ ଉତ୍‌ଥାନ ନିମନ୍ତେ ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦହରଣ ହେବ ବୋଲି ଶ୍ରୀ ଅଗ୍ରୱାଲ ମତପ୍ରକାଶ କରିଥିଲେ । ଲାୟନ୍ସ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରକାଶ ଜେନା, ନିର୍ବାଚିତ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଦାସ, କ୍ୟାବିନେଟ ସଚିବ ସଞ୍ଜୟ ସାନ୍ତ୍ୱକା, ଆଞ୍ଚଳିକ ଅଧକ୍ଷା ମନୀଷା ଦାସ ପ୍ରମୁଖ ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଲାୟନ୍ସ କ୍ଲବ ଉମଙ୍ଗର ଗଠନମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଉମଙ୍ଗର ସଭାନେତ୍ରୀ ତଥା ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ସଂଯୋଜିକା ବନ୍ଦିତା ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରିଷ୍ଣା ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବାଲେଶ୍ୱରର ସଫଳ ମହିଳା ଉଦ୍ୟୋଗୀ ଡ. ନୀନା ସିଂହଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ରେମୁଣାର ମହାଲକ୍ଷ୍ମୀ ମହିଳା ସମିତିର କର୍ମକର୍ତ୍ତାଙ୍କୁ ଡିସପୋଜେବଲ ପ୍ଲେଟ ଓ ବାଉଲ୍ ତିଆରି ମେସିନ, ଅନୀମା ରାୟଙ୍କୁ ଏକ ଖାଦ୍ୟ ବିକ୍ରୟ ଠେଲା ଗାଡି ଓ ଅନ୍ୟ ଦୁଇ ମହିଳାଙ୍କୁ ଦୁଇଟି ସିଲେଇ ମେସିନ ସହିତ ମହିଳାଙ୍କ ଦକ୍ଷତା ବୃଦ୍ଧି ପାଇଁ ଉମଙ୍ଗ ଭୋକେସନାଲ ଟ୍ରେନିଂ ସେଣ୍ଟରକୁ ଦୁଇଟି ସିଲେଇ ମେସିନ ପ୍ରଦାନ କରାଯାଇଥିଲା । ଗିରିଜା ମିଶ୍ର , ଉର୍ମିଳା ଦାସ, ଦର୍ଶନା ସାଙ୍ଗଭି, ଦୀପ୍ତି ଦାସଙ୍କ ସମେତ ଉମଙ୍ଗର କୋଷାଧକ୍ଷା ରଶ୍ମିତା ବିଶ୍ୱାଳ, ଲୀନା ପାଣିଗ୍ରାହୀ, ସୁନୀତା ଦତ୍ତ, ବନ୍ଦନା ମାହାପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



ବାଲେଶ୍ୱର ବେଙ୍ଗଲି ଏସୋସିଏସନର ବଙ୍ଗୀୟ ନବବର୍ଷ ପାଳନ ଅବସରରେ......

# ଭୁଜାଖିଆ ପୀରବାବାଙ୍କ 'ଉର୍ସ' ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୧୬/୦୪ (ନି.ପ୍ର): ଭୁଜାଖିଆ ପୀରବାବାଙ୍କ ୭୯ ବାର୍ଷିକ ଉତ୍ସବ ଉର୍ଷ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବାଲେଶ୍ୱର ସହରର ସୁନହଟସ୍ଥିତ ବାବାଙ୍କ ଆସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ସାହିରୁଲ ହକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, ପୌର ଉପାଧକ୍ଷ କୈଳାସ ସେଠୀ, ସିଟି ଡିଏସପି ଗାୟତ୍ରୀ ପ୍ରଧାନ, ଡିଆଇବି ଡିଏସପି ବ୍ରଜେଶ୍ୱରୀ ବଳ, ଟାଉନଥାନା ଅଧିକାରୀ ପର୍ଶୁରାମ ସାହୁ, ଟିପିଏନଓଡିଏଲ ଏସଡିଓ ଗିରିଜା ଶଙ୍କର ନାୟକ, ବରିଷ୍ଠ ସାମ୍ବାଦିକ ବିପ୍ଲବ କୁମାର ମହାନ୍ତି, ଯୁବ ସଂଗଠକ ଭାଗବତ ସାହୁ, ବାଲେଶ୍ୱର ପୌର ପରିଷଦର କାଉନସିଲର ଶେଖ ଆୟୁବ ଓ ରୋଜାଲିନ ପାଣି, ଭୁଜାଖିଆ ପୀର ପରିଚାଳନା କମିଟି ସଭାପତି ଶେଖ୍ ଅବଦୁଲ ମୋହିତ, ବିଶ୍ୱନାଥ ଦାସ, ଅର୍ଜୁନ ପରିଡ଼ା, ଇନ୍ତେଖାବ ଅଲ୍ଲି ଖାନ, ଚିନ୍ମୟ ବିଶ୍ୱାଳ, ନଳନୀ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଅନ୍ୟାନ୍ୟ ବର୍ଷ ଭଳି ଆସନ୍ତା ୨୬ ତରିଖରୁ ଆରମ୍ଭ ହେଉଥିବା ବାବାଙ୍କ ୭୯ ତମ ଉର୍ଷ ଉତ୍ସବକୁ କିପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଭାଇଚାରାର ପ୍ରତୀକ ଭାବେ ଭୁଜାଖିଆ ବାବାଙ୍କର ବାର୍ଷିକ ଉତ୍ସବ ବାଲେଶ୍ୱର ସହର ପାଇଁ ବେଶ ଗୁରୁତ୍ୱ ବହନ କରିଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ମହାଆଡମ୍ବର ସହକାରେ ଏହି ଉତ୍ସବ ପାଳନ ହେବ ବୋଲି ବିଧାୟକ ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ। ଉତ୍ସବରେ ଜନଗହଳି ନିୟନ୍ତ୍ରଣ ତଥା ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ବିଧାୟକ ହାତପାଣ୍ଠିରୁ ଜିଲା ପୁଲିସକୁ ୩ ଗୋଟି ଡ୍ରୋନ କ୍ୟାମେରା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବାବାଙ୍କ ଉତ୍ସବ ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ୨୮ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟମରେ ସମ୍ପନ୍ନ ପାଇଁ ନିଷ୍ପତ୍ତି ନିଆଯାଇଛି। ବାବାଙ୍କର ଏହି ୭୯ ତମ ଉତ୍ସବକୁ ଶୃଙ୍ଖଳାର ସହ ପାଳନ ପାଇଁ ସେମାନେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଶେଖ ଅବଦୁଲ ବୁରହାନ, ଦିଲଦାର ହୋସେନ, ଶେଖ ସମସୁଦ୍ଦିନ, ଶେଖ ରଫିକ, ଶେଖ ନୟିମ, ଶେଖ ଗୋଲାମ ମୋଜାମିଲ, ହାଇଦର ଖାଁ, ଆଜିମ୍ ବାଲେଶ୍ୱରୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ। ଭୁଜାଖିଆ ପୀର ବାବା ପରିଚାଳନା କମିଟି ସମ୍ପାଦକ ଶେଖ ଜାହିରୁଦ୍ଦିନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ପୁରୀ ରେଳ ଷ୍ଟେସନ ନିରୀକ୍ଷଣ ଓ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରେଳ ଓ କପଡା ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଦର୍ଶନା ଜରଦୋଶ ଆଜି ପୁରୀ ଗସ୍ତରେ ଆସି ପୁରୀ ରେଳ ଷ୍ଟେସନକୁ ନିରୀକ୍ଷଣ କରିବା ସହିତ ରେଳବାଇ ଅଧିକାରୀମାନଙ୍କ ସହ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପୁରୀ ରେଳ ଷ୍ଟେସନ ନିରୀକ୍ଷଣ ସମୟରେ ଶ୍ରୀମତୀ ଜରଦୋଶ ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସୁବିଧା ଗୁଡିକ ଯେପରି ସମସ୍ତ ବର୍ଗର ଯାତ୍ରୀମାନଙ୍କୁ ବିଶେଷ ଭାବେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଶ୍ରୀମତୀ ଜରଦୋଶ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଯାତ୍ରୀ ମାନଙ୍କ ଆରମଦାୟକ ଯାତ୍ରା ପାଇଁ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ସହିତ ସମସ୍ତ ପ୍ରକାର ଯାତ୍ରୀ ବିଶେଷ କରି ଗରିବ ଓ ସ୍ୱଳ୍ପ ଆୟ ବର୍ଗର ଯାତ୍ରୀଙ୍କୁ ସୁହାଇଲାଭଳି ଯାତ୍ରୀ ପରିସେବା ଉପଲବ୍ଧ କରାଇବାକୁ ସେ କହିଛନ୍ତି । ଯାତ୍ରୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକ କରୁଥିବା ବିସ୍ତୃତ ଚଳପ୍ରଚଳ ସ୍ଥାନ, କନକୋର୍ସ, ପ୍ଲାଟଫର୍ମ, ଆଲୋକିକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚଳାୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦି ଗୁଡିକର ଉପଲବ୍ଧି ଉପରେ ପ୍ରାଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ ମଧ ପରାମର୍ଶ ଦେଇଛନ୍ତି । ଉପସ୍ଥିତ ଗଣମାଧମ ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ଜରଦୋଶ କହିଛନ୍ତି ଯେ ପୁରୀ ଷ୍ଟେସନ ପୁନଃବିକାଶ କାର୍ଯ୍ୟ ୩୬ ମାସ ମଧରେ ସମ୍ପୂର୍ଣ୍ଣ କରାଯିବ ଏବଂ ଏଥିରେ ଜଗନ୍ନାଥ ମନ୍ଦିରର ଛାପ ଦିଆଯିବ ଓ ନିର୍ମାଣ କାର୍ଯ୍ୟ ସମୟରେ ଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କର ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦିଆଯାଉଅଛି ।

# ଗ୍ରାମାଞ୍ଚଳ ପ୍ରତିଭା ଆଗକୁ ଗଲେ ସାହିତ୍ୟ ର ମର୍ଯ୍ୟାଦା ବଢିବ

## ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ପଥ ପ୍ରାନ୍ତ ସଭା




ଲଙ୍ଗଳେଶ୍ୱର, ୧୬/୦୪ (ନି.ପ୍ର): ଗ୍ରାମାଞ୍ଚଳର ଯେଉଁ ପ୍ରତିଭା ଗୁଡିକ ବଣ ମାଳତୀ ପରି ବଣରେ ଝଡି ଯାଉଛନ୍ତି ସେହି ପ୍ରତିଭା ଗୁଡିକ ଆଗକୁ ଗଲେ ସାହିତ୍ୟର ମର୍ଯ୍ୟାଦା ବଢିବ ବୋଲି ରବିବାର ବାଲିଆପାଳ ବ୍ଲକ କୁଣ୍ଡୁଳୀ ହାଟ ଠାରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ଆୟୋଜିତ ପଥ ପ୍ରାନ୍ତ ସଭାରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି ।କମିଟିର ସଭାପତି ଶିକ୍ଷାବିତ ସୁବାସ ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ କମିଟି ର ଆବାହକ ଅଧାପକ ଡ଼ଃ ସୁକାନ୍ତ ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ।ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ବିବରଣୀ, ଯୁଗ୍ମ ସମ୍ପାଦକ ଭୀଷ୍ମ ଚରଣ ମଲ୍ଲିକ ମଞ୍ଚ ଆହ୍ୱାନ କରିଥିଲେ ।ଏଥିରେ ଅବସର ପ୍ରାପ୍ତ ପ୍ରାଧାପକ ତରଣୀ ସେନ ଜେନା, ଅଭିନନ୍ଦନ ପତ୍ରିକାର ସମ୍ପାଦକ ଇଂ ଜଗଦୀଶ ମିଶ୍ର, ସାଂସଦ ଙ୍କ ବାଲିଆପାଳ ବ୍ଲକ ପ୍ରତିନିଧି ମହେଶ୍ୱର ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନମାଳି ସାହୁ, ବାଦୀପାଲା ଗାୟକ ରାମ ହରି ଜେନା, ଓଡ଼ିଶା ପ୍ରାଇଡ଼ ସଭାପତି ମାନସ ଦାସ,ଦଳିତ ନେତା ସଦାଶିବ ସେଠୀ, ଗଣ କବି ହରେକୃଷ୍ଣ ମଲ୍ଲିକ, ବ୍ୟଙ୍ଗକାର ମନ୍ମଥ କୁମାର ମଣ୍ଡଳ, ଯୁଗଳ କିଶୋର ପାତ୍ର ,ରଞ୍ଜନ କୁମାର ସାହୁ, ଗୀତିକାର ରାମ କୃଷ୍ଣ ଦାସ ଅଧିକାରୀ, ଯବନ କବି ସେକ ନିମାଜୀ,ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ, ସମ୍ବାଦିକା ପ୍ରତିମା ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳ ର ଅନାଲୋଚିତ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କୌଶଲ୍ୟା ପଟ୍ଟାୟତ, ସନ୍ଧ୍ୟା ରାଣୀ ମଲ୍ଲିକ , ବିଷ୍ଣୁ ପ୍ରିୟା ମହାପାତ୍ର ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ସ୍ଥଳରେ ଶତାଧିକ ଗ୍ରାମ ବାସୀ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଭୀଷ୍ମ ଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆମ ଆଦମି ପାର୍ଟିର ସାଙ୍ଗଠନିକ ବୈଠକ

## କରଞ୍ଜିଆରୁ ଜଗଦୀଶ ମୁର୍ମୁ ଓ ଉଦଳାରୁ ସୁନ୍ଦର ମୋହନ ମାର୍ଣ୍ଡି ହେବେ ବିଧାୟକ ପ୍ରାର୍ଥୀ



ଉଦଳା, ୧୬/୦୪ (ନି.ପ୍ର): ଆମ୍ ଆଦମି ପାର୍ଟିର ଉଦଳା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସାଂଗଠନିକ ବୈଠକ ଆଜି ଏପ୍ରୀଲ ୧ ତାରିଖ ରବିବାର ଦିନ ନଗର ସଭାପତି ଯାଦବ ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ପାର୍ଟିର ଉଦଳା ନିର୍ବାଚନ ମଣ୍ଡଳୀ ସଭାପତି ମହୋନ ମୁର୍ମୁ ପ୍ରାରମ୍ଭରେ ଆଜିର ବୈଠକର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ଦିଲ୍ଲିଭଳି ଓଡ଼ିଶାର ଜନସାଧାରଣଙ୍କୁ ମଧ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ପୁରା ଛାଡ଼ କରାଯାଉ ବୋଲି ଦାବୀ ଜଣାଇଛନ୍ତି । ଅନ୍ୟ ମାନଙ୍କ ମଧରେ ଉଦଳା ବ୍ଲକ ସଭାପତି ସନ୍ତୋଷ କୁମାର ମୁର୍ମୁ, ଗୋପବନ୍ଧୁନଗର ସଭାପତି ବୃଦ୍ଧିରାମ ସିଂ ଓ ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ସଭାପତି ଜିତୁ ରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ନିର୍ବାଚନରେ କରଞ୍ଜିଆ ବିଧାୟକ ଭାବରେ ଜଗଦିଶ ମୁର୍ମୁ ଓ ଉଦଳା ବିଧାୟକ ଭାବରେ ସୁନ୍ଦର ମୋହନ ମାର୍ଣ୍ଡିଙ୍କୁ ପାର୍ଟି ତରଫରୁ ପ୍ରାର୍ଥୀ କରାଯିବ ବୋଲି ନିଷ୍ପତି ହୋଇଥିବାର ଜଣା ଯାଇଛି । ତେବେ ନିର୍ବାଚନରେ ଏହି ଦୁଇ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସବୁ ପ୍ରକାର ରଣନିତିର ପ୍ରସ୍ତୁତି ପର୍ବ ମଧ ଆରମ୍ଭ ହୋଇଥିବାର କଥା ମହୋନ ମୁର୍ମୁ ଜଣାଇଛନ୍ତି ।

# କେଜରିୱାଲଙ୍କୁ ଟାର୍ଗେଟ କଲା ବିଜେପି

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର ରବିବାର ଦିନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଗ୍ଲୋଭସ ପିନ୍ଧି ଦୁର୍ନୀତି କଲେ ଦୁର୍ନୀତି ଲୁଚି ଯାଏ ନାହିଁ । ଏଠାରେ ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ପାତ୍ର କହିଛନ୍ତି ଯେ ଗ୍ଲୋଭସ ପିନ୍ଧି ଦୁର୍ନୀତି କଲେ ଦୁର୍ନୀତି ବିଷୟରେ ଜଣା ପଡିବ ନାହିଁ ବୋଲି ବୋଧ ହୁଏ ଅରବିନ୍ଦ କେଜରିୱାଲ ମନେ କରୁଛନ୍ତି । ସେ ଭାବୁଛନ୍ତି ଯେ ଫିଙ୍ଗର ପ୍ରିଂଟ୍ସର ଚିହ୍ନ ନ ଥିବା କାରଣରୁ ସେ ଅପରାଧ କରି ନାହାନ୍ତି । ସେ କହିଛନ୍ତି ଯେ କେଜରିୱାଲ ମନୀଷ ସିସୋଦିଆଙ୍କ ଗ୍ଲୋଭସ ପିନ୍ଧି ଦୁର୍ନୀତି କରିଛନ୍ତି । ଅବକାରୀ ନୀତିରେ ଦୁର୍ନୀତି କରିଛନ୍ତି । ତେଣୁ ବର୍ତମାନ ସ୍ୱାଭାବିକ ଭାବେ ଗ୍ଲୋଭସ ଖୋଲା ଯିବା ଆବଶ୍ୟକ । ସେ କହିଛନ୍ତି ଯେ ଜାଂଚ କରୁଥିବା ଏଜେନ୍ସୀ ଗୁଡିକ ପ୍ରଫେସନାଲ ଏଜେନ୍ସି । ସେମାନେ ଭାବନା ଆଧାରରେ ନୁହଁ ବରଂ ତଥ୍ୟ ଆଧାରରେ କାମ କରିଥାନ୍ତି ।

# ମନ୍ତେଇ ନଦୀ ଉପରେ ପୋଲ ହେବା ପାଇଁ ସାମ୍ବାଦିକ ସମ୍ମିଳନୀ



ବାସୁଦେବପୁର, ୧୬/୦୪ (ନି.ପ୍ର): ବାସୁଦେବପୁର ବିଜୁ ଜନତା ଦଳ କାର୍ଯ୍ୟାଳୟ ରେ ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମନ୍ତେଇ ନଦୀ ଉପରେ କେର ସାହି ଘାଟ ଓ ଚାରିବାଟିଆ ଘାଟର ପୋଲ ନିର୍ମାଣ ପାଇଁ ଅର୍ଥ ମଂଜୁର କରି ଥିବାରୁ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବିଶେଷ କୃତଜ୍ଞତା ଜଣାଇବା ସହିତ ଅଭିନନ୍ଦନ ଜଣାଇଛନ୍ତି। ଚାରିବାଟିଆ ଓ କେର ସାହି ଘାଟ ପାଇଁ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି । ବିଶ୍ୱ ବ୍ୟାଙ୍କ ପ୍ରୋଜେକ୍ଟରେ ଏହି କାର୍ଯ୍ୟ କୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ବିଶେଷ ସୂତ୍ରରୁ ପ୍ରକାଶ । ଏହି ପୋଲ ସମ୍ପୂର୍ଣ୍ଣ ହେଲେ ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଯାଜପୁର ଜିଲ୍ଲା ର ଜନ ସାଧାରଣ ଉପକୃତ ହୋଇପାରିବେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ର ଅଧିକାଂଶ ଲୋକମାନେ ଏହି ବାଟ ଦେଇ ଯିବା ଆସିବା କରୁଛନ୍ତି । ଖୁବ ଶୀଘ୍ର ଏହି କାର୍ଯ୍ୟ ପାଇଁ ବଡ଼ ବଡ଼ କମ୍ପାନୀ ଟେଣ୍ଡର ପକାଇବେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରତିନିଧି ଅସିତ ଦାଶ, ପ୍ରଫୁଲ୍ଲ ପଳିତା, ଦୀନବନ୍ଧୁ ଦାସ, ଦେବ ଦର୍ଶନ ଦାଶ, ମାନସ ସାହୁ ଉପସ୍ଥିତ ଥିଲେ ।

# ଝାରସୁଗୁଡା ଉପ ନିର୍ବାଚନରେ ଅନୁକମ୍ପା ଭୋଟ କଂଗ୍ରେସକୁ ମିଳିବ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଝାରସୁଗୁଡା ଉପ ନିର୍ବାଚନରେ ଅନୁକମ୍ପା ଭୋଟ କଂଗ୍ରେସକୁ ମିଳିବ ବୋଲି ଦାବି କରିଛନ୍ତି କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ ରାଉତରାୟ ସେ କହିଛନ୍ତି ଯେ ସରକାର ଓ୍ ତାଙ୍କ ଦଳ ମିଶି ନବ ଦାସ କୁ ମାରିଥିବାରୁ ତାଙ୍କୁ ଅନୁକମ୍ପା ମିଳିବ ନାହିଁ। ସେହିପରି ଦନ୍ତ ରେ କିଛି ମିଳୁନାହିଁ । ଏଭଳି କି ଗୁଳିବି ମିଳୁନି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସେଠାରେ ଆଇନ ଶୃଙ୍ଖଳା କିଛି ନାହିଁ । ନହେଲେ ଜଣେ କ୍ୟାବିନେଟ ମନ୍ତ୍ରୀ ଙ୍କୁ ଏମିତି ହତ୍ୟା ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ପ୍ରାର୍ଥୀ ଝାରସୁଗୁଡା ପୁଅ । ତେଣୁ ଏହି ଉପନିର୍ବାଚନ ରୁ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଆବାସ ୯୦ ଭାଗ ବିଜେଡି କର୍ମୀ ଙ୍କୁ ବଣ୍ଟା ହୋଇଛି । ଜମି ଗାଡି ଘର ଥିଲା ଲୋକ ଆବାସ ନେଇଛନ୍ତି । ଆବାସ କେନ୍ଦ୍ର ସରକାର ଟଙ୍କା ଦେଉଛନ୍ତି । ତେଣୁ ଉପଯୁକ୍ତ ହିତାଧିକାରୀ ବର୍ଷା ପୂର୍ବରୁ ଆବାସ ପାଇବା ଦରକାର ବୋଲି ସେ କହିଛନ୍ତି ।

# ଶ୍ୟାମସୁନ୍ଦର ଜୀଉଙ୍କୁ ଚନ୍ଦନ ଯାତ୍ରାର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି




ବାଲେଶ୍ୱର, ୧୬/୦୪ (ନି.ପ୍ର): କରୋନା ପାଇଁ ଦୁଇବର୍ଷ ଧରି ବିଧିରକ୍ଷା ପାଳିତ ହୋଇଥିବା ଦାମୋଦରପୁର ଶ୍ରୀ ଶ୍ୟାମସୁନ୍ଦର ଜୀଉ ସାର୍ବଜନୀନ ଚନ୍ଦନ ଯାତ୍ରାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଚଳିତ ବର୍ଷ ଶ୍ୟାମସୁନ୍ଦର ଯୁବକ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ସୁବର୍ଣ୍ଣଜୟନ୍ତୀ ଚନ୍ଦ୍ରନଯାତ୍ରାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଯୁବକ ସଂଘ ସଭାପତି ଆଲୋକ କୁମାର ଦାସ, ସମ୍ପାଦକ ରାଜେଶ ବର୍ଦ୍ଧନ ଓ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କୁ ନେଇ ଏକ ଚନ୍ଦନ କମିଟି ଗଠନ କରାଯାଇଛି। ସୁରଞ୍ଜନ୍ଦାର ସେଠୀ ଏହି କମିଟିର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସୁଶାନ୍ତ ରଣା ଉପ-ସଭାପତି, ସଞ୍ଜୀବ ସେଠୀ ସମ୍ପାଦକ, ଅଭିରାମ ଅମାରି ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର ବେହେରା ସହ-ସମ୍ପାଦକ, ସ୍ନିଗ୍ଧସୌରଭ କଷାଧକ୍ଷ ଓ ଉପଦେଷ୍ଟା ଭାବେ ଲକ୍ଷ୍ମୀନାରାୟଣ ଘୋଷ, ରଞ୍ଜନ ରଣା, ତାରାପଦ ଦେ, ପ୍ରୀତମରଣା, ଜଗନ୍ନାଥ ମହାରଣା, ଜିତେନ୍ଦ୍ର ହୋତା, ଦେବ କିଶୋର ରଣା, ରାଜକିଶୋର ରଣା, ବିଜୟ କିଶୋର ରଣା, ଆଲୋକ ପଣ୍ଡା, ଅନନ୍ତ ଚାନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଏ ବର୍ଷ ମେ ମାସ ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ମୁଖ୍ୟ ଆକର୍ଷଣ ଭାବେ ଶ୍ୟାମସୁନ୍ଦର ପୋଖରୀ ଉପରେ ଅବିକଳ ହାୱଡା ପୋଲ ଶୋଭାପାଇବ। ସୁକୁମାର ମାଇତିଙ୍କ ଦ୍ୱାରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଆଲୋକ ସଜ୍ଜାରେ ପୋଖରୀ ଚାରିପଟେ ବନ୍ଦେ ଭାରତ ଟ୍ରେନ ଓ ଅତ୍ୟାଧୁନିକ ଆଲୋକ ତରଣମାନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବ। ପ୍ରତ୍ୟେକ ସନ୍ଧ୍ୟାରେ ପୋଖରୀ ତୁଠରେ ଗଙ୍ଗାଘାଟ ଆଳତୀକୁ ଶ୍ରଦ୍ଧାଳୁମାନେ ଦେଖିପାରିବେ। ୭ଦିନ ଧରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଗ୍ରାମର ଯୁବକଙ୍କ ଦ୍ୱାରା ଏକ ନାଟକ ମଧ୍ୟ ମଞ୍ଚସ୍ଥ ହେବ। ସୁବର୍ଣ୍ଣ ଜୟନ୍ତୀ ଚନ୍ଦ୍ରନ ଯାତ୍ରାରେ ଖର୍ଚ୍ଚର ଅଟକଳ ପ୍ରାୟ ୨୦ ଲକ୍ଷ ରହିଥିବା ବେଳେ ସମସ୍ତଙ୍କ ହାତଖୋଲା ସହଯୋଗରେ ଏହା ଭରଣା କରାଯାଉଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ୧୯୭୦ ମସିହାରେ ଆରମ୍ଭ ହୋଇଥିବା ଏହି ଚନ୍ଦନ ଯାତ୍ରା ସମସ୍ତଙ୍କ ସହଯୋଗ କ୍ରମେ ଚଳିତ ବର୍ଷର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆକର୍ଷଣୀୟ ହେବ ବୋଲି ସାମ୍ବାଦିକସମ୍ମିଳନୀରେ ସମସ୍ତେ ଆଶା ପ୍ରକାଶ କରିଛନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo